## ସଂକ୍ଷେପରେ

### ୬୨ ଏକର ଗଞ୍ଜେଇ ଚାଷ ନଷ୍ଟ



ବୈପାରୀଗୁଡ଼ା,୨୧।୧୨(ଡି.ଏନ୍.ଏ.): ବୈପାରୀଗୁଡା ଥାନା ମାଝିଗୁଡ଼ା ପଞ୍ଚାୟତ ମାଓବାଦୀ ଉପଦ୍ରୁତ ବାଙ୍କୁଲିରେ ୬୨ ଏକର ଜମିରେ ଥିବା ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି। ଗୁରୁବାର ବିଏସ୍ଏଫ୍ ଯବାନଙ୍କ କଡ଼ା ସୁରକ୍ଷା ବଳୟରେ ଏସବୁ ନଷ୍ଟ କରାଯାଇଥିଲା। ସମୁଦାୟ ୭୪ ହଜାର ୪ ଶହ ଗଛ ନଷ୍ଟ କରାଯାଇଥିବା ବେଳେ ତାହାର ସରକାରୀ ମୂଲ୍ୟ ୭ କୋଟି ୪୪ ଲକ୍ଷ ଟଙ୍କା ହେବ। ଉଲ୍ଲେଖଯୋଗ୍ୟ, ଗତ ବର୍ଷ ମଧ ଠିକ୍ ସେହି ସ୍ଥାନରେ ପୋଲିସ ବିପୁଳ ପରିମାଣର ଗଞ୍ଜେଇ ଚାଷ ନଷ୍ଟ କରିଥିଲା। ପୂର୍ବରୁ ମାଲକାନଗିରି ଜିଲା ବିଚ୍ଛିନ୍ନାଞ୍ଚଳରେ ଗଞ୍ଜେଇ ଚାଷ ହେଉଥିଲା। ଗୁରୁପ୍ରିୟା ସେତୁ ନିର୍ମାଣ ପରଠାରୁ ନିରାପତ୍ତାକୁ ଦୃଷ୍ଟିରେ ରଖି ମାଫିଆମାନେ ମାଲକାନଗିରି ସୀମାନ୍ତ କୋରାପୁଟ ଜିଲା ବୈପାରୀଗୁଡା ଥାନା ପାହାଡ଼ ତଳି ଅଞ୍ଚଳକୁ ଆପଣେଇଲେଣି। ସନ୍ଧ୍ୟା ହେଲେ ଆଭ୍ୟନ୍ତରୀଣ ଇଲାକାରେ ଆନ୍ତଃରାଜ୍ୟ ମାଫିଆମାନେ ଡେରା ପକାଉଛନ୍ତି। କଳଟଙ୍କା ଓ ଅସାମାଜିକ ତତ୍ତ୍ୱ ସରଳ ଆଦିବାସୀଙ୍କୁ ବିପଥଗାମୀ କରୁଛି। ଶନିବାର ଚଢ଼ାଉ ଅଭିଯାନରେ ବୈପାରୀଗୁଡ଼ା ଥାନା ଅଧିକାରୀ ମହେନ୍ଦ୍ର ସାହୁ, ଏସ୍ଆଇ ରମେଶ ଦେବତା, ତହସିଲଦାର ସଞ୍ଜିବ ସାହୁଙ୍କ ସମେତ ଜୟପୁର, ବୋରିଗୁମ୍ମା ଓ କୋଟପାଡ଼ ବ୍ଲକର ପୋଲିସ ଓ ଅବକାରୀ କର୍ମଚାରୀ ସାମିଲ ଥିଲେ।

### ଆଇନଜୀବୀ ସମ୍ମାନିତ



ଜୟପୁର,୨୧।୧୨(ଡି.ଏନ୍.ଏ.): ଜୟପୁର ସହରର ବରିଷ୍ଠ ଆଇନଜୀବୀ ତ୍ରିନାଥ ଦାଶ କଟକସ୍ଥିତ ହାଇକୋର୍ଟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଗତ ବୁଧବାର ସମ୍ମାନିତ ହୋଇଛନ୍ତି। ସ୍ୱର୍ଗତ ଆଇନଜୀବୀ ପ୍ରଫୁଲ୍ଲ ଧଳ ସ୍ମୃତି ସଂସଦ ପକ୍ଷରୁ କାର୍ଯ୍ୟକାରୀ ସଭାପତି ବିପିନ ବିହାରୀ ରଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ହାଇକୋର୍ଟର ମୁଖ୍ୟ ବିଚାରପତି କଲ୍ଲେଶ ସତ୍ୟେନ୍ଦ୍ର ଜାଭେରୀ ଆଇନଜୀବୀ ଦାଶଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଦଶ ୪୯ ବର୍ଷ ଧରି ନିଷ୍ଠାପର ଭାବେ ଆଇନଜୀବୀ ଭାବେ ରହିଆସିଥିବା ବେଳେ ସରକାରୀ ଓ ବିଭିନ୍ନ ସଂସ୍ଥାର ଆଇନ ପରାମର୍ଶଦାତା ଭାବେ କାମ କରିଛନ୍ତି। ଏହି ଅବସରରେ ଜଷ୍ଟିସ ସଞ୍ଜୟ ମିଶ୍ର, ଅବସରପ୍ରାପ୍ତ ଜଷ୍ଟିସ ଏ.ଏସ୍. ନାଇଡୁ ଓ ରାଜ୍ୟ ହାଇକୋର୍ଟ ବାର ସଂଘର ସଭାପତି ଗୋପାଳକୃଷ୍ଣ ମହାନ୍ତି ଉପସ୍ଥିତ ଥିଲେ।

### କୃଷି ସଚିବଙ୍କ ସମୀକ୍ଷା ବୈଠକ



ଲକ୍ଷ୍ମୀପୁର,୨୧।୧୨(ଡି.ଏନ୍.ଏ.): ସ୍ଥାନୀୟ ବ୍ଲକ ଏସ୍ଏଚ୍‌ଜି ହଲ୍‌ରେ ଏକ ସମୀକ୍ଷା ବୈଠକରେ ଯୋଗ ଦେଇଛନ୍ତି ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ସଚିବ ଡ. ଗୌରବ ଗର୍ଗ। ତାଙ୍କ ସହ କୋରାପୁଟ ଅତିରିକ୍ତ ଜିଲାପାଳ ଦେବେନ ପ୍ରଧାନ, ଏବିଡିଓ ପ୍ରସନ୍ନ ଷଡ଼ଙ୍ଗୀ, ପଞ୍ଚାୟତ ସମିତି ଅଧକ୍ଷା ସୁଆଇ କୁଲେସିକାଙ୍କ ଉପସ୍ଥିତିରେ ବିଭିନ୍ନ ବିଭାଗର ଅଧିକାରୀ, ୧୩ଟି ପଞ୍ଚାୟତର ଲୋକ ପ୍ରତିନିଧି ସାମିଲ ହୋଇଥିଲେ। ଡ. ଗର୍ଗ ପାନୀୟ ଜଳ, ରାସ୍ତାଘାଟ, କୃଷି ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଉପରେ ଗୁରୁତ୍ୱାରୋପ କରିଥିଲେ। ଅଞ୍ଚଳର ବିଦ୍ୟାଳୟରେ ଖାଲି ପଡ଼ିଥିବା ଶିକ୍ଷକ ପଦବୀ ପୂରଣ ଓ ମାଇନିଂ ପାରିପାର୍ଶ୍ୱିକ ଅଞ୍ଚଳ ଫଣ୍ଡ୍ କାର୍ଯ୍ୟକାରୀ କରିବା ପାଇଁ ଜନପ୍ରତିନିଧିମାନେ କୃଷି ସଚିବଙ୍କୁ ଜଣାଇଥିଲେ।

■ ବସ୍ତିବାସିନ୍ଦାଙ୍କୁ ଘରବାରି ପଟ୍ଟା ଦାବିରେ କଂଗ୍ରେସର ଧାରଣା

# ୧୫ ଦିନରେ ନ ଦେଲେ ଆମରଣ ଅନଶନ

ଜୟପୁର,୨୧।୧୨(ଡି.ଏନ୍.ଏ./ନି.ପ୍ର.)

ସହରର ବସ୍ତିବାସିନ୍ଦାଙ୍କୁ ୨ ଡେସିମିଲ ଲେଖାଏ ଘରବାରୀ ଜମି ସହ ପଟ୍ଟା ଦେବା ପାଇଁ ଦାବିକରି ଶନିବାର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛି ଜୟପୁର ଟାଉନ କଂଗ୍ରେସ। ଏନେଇ ତହସିଲଦାରଙ୍କୁ ଦାବିପତ୍ର ଦିଆଯାଇଛି।

ବିଧାୟକ ତାରାପ୍ରସାଦ ବାହିନୀପତି ଓ ଜିଲା ସଭାନେତ୍ରୀ ମିନାକ୍ଷୀ ବାହିନୀପତିଙ୍କ ନେତୃତ୍ୱରେ ସହରର ବସ୍ତିବାସିନ୍ଦା ଓ କଂଗ୍ରେସ କର୍ମୀ ଶୋଭାଯାତ୍ରାରେ ସହର ପରିକ୍ରମା କରିବା ପରେ ତହସିଲ କାର୍ଯ୍ୟାଳୟ ଆଗରେ ପହଞ୍ଚି ଧାରଣା ଦେଇଥିଲେ। ସହରର ବସ୍ତି ଓ ଉପକଣ୍ଠରେ ଗରିବ, ଦିନ ମଜୁରିଆ, ଶ୍ରମିକ ଓ ଖଟିଖିଆ ଶ୍ରେଣୀର ଲୋକେ ଦୀର୍ଘ ବର୍ଷ ଧରି ରହିଆସୁଥିଲେ ସୁଦ୍ଧା ସେମାନଙ୍କୁ ସରକାରୀ ବାସଭବନ ଯୋଗାଇ ଦିଆଯାଉ ନାହିଁ। ସେମାନେ ରହୁଥିବା ଝାଟିମାଟି ଘରର ପଟ୍ଟା ମଧ ପ୍ରଦାନ କରାଯାଉ ନାହିଁ। କିଛି ମାସ ତଳେ ତହସିଲ କାର୍ଯ୍ୟାଳୟ ଏଥିପାଇଁ ସର୍ଭେ କରିବା ସହ ନିର୍ଦ୍ଧାରିତ ହୋଇଥିବା ଜମିର ଖଜଣା ମଧ ଗ୍ରହଣ କରିଥିଲା। କିନ୍ତୁ ଏଯାବତ୍ କୌଣସି ପଦକ୍ଷେପ ହୋଇନାହିଁ। ପଟ୍ଟା ପାଇବା ଆଶା ବାନ୍ଧିଥିବା ଗରିବ ଶ୍ରେଣୀର ଲୋକେ ନିରାଶ ହୋଇଛନ୍ତି। ୧୫ ଦିନ ଭିତରେ ଜମିପଟ୍ଟା ଦିଆ ନ ଗଲେ ବସ୍ତିବାସିନ୍ଦାଙ୍କୁ ନେଇ କଂଗ୍ରେସ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି। ଏନେଇ ତହସିଲଦାର ମାତାରାମ ଲିୟାଙ୍ଗିଙ୍କୁ ସ୍ମାରକପତ୍ର ଦିଆଯାଇଥିଲା। ଏଥିରେ ଟାଉନ କଂଗ୍ରେସ ସଭାପତି ନରେନ୍ଦ୍ର ମହାନ୍ତି, ଦୁର୍ଗା ଶଙ୍କର ସାହୁ, ନିହାର ବିଶୋୟୀ, ବସନ୍ତ ନାୟକ, କାନ୍ତ ପାଢ଼ୀ, ଗଙ୍ଗାଧର ସାହୁ, ନଳିନୀ ରଥ, ମଦନ ନାୟକ, ହାସାନ ମଦାନୀ, ସତ୍ୟ ନାୟକ ଉପସ୍ଥିତ ଥିଲେ।



କଂଗ୍ରେସ ପକ୍ଷରୁ ପୌର କାର୍ଯ୍ୟାଳୟ ଘେରାଉ କରାଯାଇଛି।

■ ଡିଇଓଙ୍କ ବାସଭବନରେ ଶିକ୍ଷକଙ୍କ ଆତ୍ମହତ୍ୟା ଘଟଣା

# ଧରାପଡ଼ିଲେ ୨ ଅଭିଯୁକ୍ତ



ପୋଲିସର ଖବରଦାତା ସମ୍ମିଳନୀରେ ଗିରଫ ଦୁଇ ଅଭିଯୁକ୍ତ।

ସେମିଳିଗୁଡ଼ା,୨୧।୧୨(ସ୍ୱ.ପ୍ର.)

କୋରାପୁଟ ଡିଇଓଙ୍କ ବାସଭବନରେ ଶିକ୍ଷକ ଚିତ୍ତରଞ୍ଜନ ପଣ୍ଡାଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାରେ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ପୋଲିସ। ସେମାନେ ହେଲେ ସମୀର ପାତ୍ର ଓ ଅଭିମନ୍ୟୁ ପ୍ରଧାନ। ସୁନାବେଡ଼ା ଥାନାରେ ଶନିବାର ଅପରାହ୍ନରେ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି ଏସ୍‌ଡିପିଓ ନିରଞ୍ଜନ ବେହେରା।

ଉଲ୍ଲେଖଯୋଗ୍ୟ, ଗତ ୮ ତାରିଖରେ ଶିକ୍ଷକଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା ପରେ ପରିବାର ଲୋକଙ୍କ ଏତଲାକୁ ଭିତ୍ତିକରି ସୁନାବେଡ଼ା, ସେମିଳିଗୁଡ଼ା ଓ ଜୟପୁରର ୩ ଜଣ ଆଇଆଇସିଙ୍କୁ ନେଇ ଏକ ଟିମ୍ ଗଠନ କରି ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ତଦନ୍ତ ଆରମ୍ଭ ହୋଇଥିଲା। ମିଳିଥିବା ସୁଇସାଇଡାଲ ନୋଟ୍‌ରେ କେତେ ଜଣ ବ୍ୟକ୍ତି ଶିକ୍ଷକ ଜଣଙ୍କୁ ମାନସିକ ଯନ୍ତ୍ରଣା ଦେଇଥିବା ଉଲ୍ଲେଖ ରହିଥିଲା। ଅଭିଯୁକ୍ତମାନେ ଶିକ୍ଷକଙ୍କୁ ଆର୍ଥିକ ଚାପ, ମାନସିକ ଯନ୍ତ୍ରଣା ଓ ମାରିବା ପାଇଁ ଧମକ ଦେଇଥିବା ଯୋଗୁ ସେ ନିଜର ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା ନିଷ୍ପତ୍ତି ନେଇଥିବା ଅଭିଯୋଗ ହୋଇଥିଲା। ତେବେ ସେ ଆତ୍ମହତ୍ୟା କରିଛନ୍ତି କିମ୍ବା ଅନ୍ୟ କିଛି, ତାହା ସ୍ପଷ୍ଟ ହୋଇପାରି ନାହିଁ। ଅଭିଯୋଗର ତଦନ୍ତ ବେଳେ ଫେରାର ରହିଥିବା ଅଭିଯୁକ୍ତମାନଙ୍କ ମୋବାଇଲ୍ ଟ୍ରାକ୍ କରି ସେମାନଙ୍କ ଗତିବିଧି ଉପରେ ନଜର ରଖିଥିଲା ପୋଲିସ। ଶନିବାର ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ ଧରିବାରେ ସଫଳ ହୋଇଛି। ସେମାନଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ଏସ୍‌ଡିପିଓ କହିଛନ୍ତି।

# ଜିଲାପାଳଙ୍କୁ ଦାବିପତ୍ର ଦେଲେ ବରିଷ୍ଠ ନାଗରିକ




ଜିଲାପାଳଙ୍କ କାର୍ଯ୍ୟାଳୟରେ ଦାବିପତ୍ର ଦେବାକୁ ଆସିଥିବା ଅବସରପ୍ରାପ୍ତ ସରକାରୀ କର୍ମଚାରୀ।

କୋଲାବନଗର,୨୧।୧୨(ଡି.ଏନ୍.ଏ.)

କୋରାପୁଟ ଜିଲା ବରିଷ୍ଠ ନାଗରିକ ସଂଗଠନ ଓ ଏହାର ଶାଖା ପକ୍ଷରୁ ୫ ଦଫା ଦାବି ନେଇ ଏକ ବିଶାଳ ରାଲି ଅନୁଷ୍ଠିତ ହୋଇଛି। ଶତାଧିକ ବରିଷ୍ଠ ନାଗରିକ ସ୍ଥାନୀୟ ଉପଜିଲାପାଳ କାର୍ଯ୍ୟାଳୟରୁ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ବ୍ୟାନର ଓ ପ୍ଲାକାର୍ଡ଼ ଧରି ଯିବା ସହ ସେଠାରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଥିଲେ। କୋରାପୁଟ ଜିଲାପାଳ ସଚିବଙ୍କ ସହ କାର୍ଯ୍ୟବ୍ୟସ୍ତ ଥିବାରୁ ଉକ୍ତ ଦାବିପତ୍ରକୁ ଉପଜିଲାପାଳ ଏନ୍. ଜଗତଜୀବନ ଚୌଧୁରୀଙ୍କୁ ଦିଆଯାଇଥିଲା। ଜିଲା ବରିଷ୍ଠ ନାଗରିକ ସଂଘ ସଭାପତି ରଘୁନାଥ ଦାସ, ଜିଲା ସଂଯୋଜକ ଭଗବାନ ନାୟକ ଉପସ୍ଥିତ ଥିଲେ। ସମାବେଶରେ ୧୦ଟି ଉପଶାଖାର କର୍ମକର୍ତ୍ତା ଯୋଗ ଦେଇଥିଲେ। କୋଲାବ ଶାଖାର ୫୦ ଜଣ ବରିଷ୍ଠ ନାଗରିକ ତଥା ସଭାପତି ଇଂ ଦୟାନିଧି ବାରିକ, ସମ୍ପାଦକ ସତ୍ୟନାରାୟଣ ଦଲାଇ, ଉପଦେଷ୍ଟା ଜିତେନ୍ଦ୍ର ଜେନା ଅଂଶ ଗ୍ରହଣ କରିଥିଲେ।

### ୧୧୩ ଏକର ଗଞ୍ଜେଇ ଚାଷ ନଷ୍ଟ

ନନ୍ଦପୁର,୨୧।୧୨(ଡି.ଏନ୍.ଏ.)

କୋରାପୁଟ ଜିଲା ପାଡୁଆ ପୋଲିସ ଏବଂ ଅବକାରୀ ବିଭାଗ ମିଳିତ ଭାବେ ଶନିବାର ବାଡଲେ, ଲୁଲୁବୁର, ଗୋଡ଼ିପଟ ଗାଁରେ ହୋଇ ଥିବା ଗଞ୍ଜେଇ ଚାଷକୁ କାଟି ପୋଡ଼ିଛି। ଏହି ତିନି ଗାଁର ପ୍ରାୟ ୧୧୩ ଏକର ଜମିରେ ହୋଇଥିବା ୧୩,୫୬,୦୦୦ ଟଙ୍କାର ଗଞ୍ଜେଇ ନଷ୍ଟ କରିଥିବା ପାଡୁଆ ଥାନା ଅଧିକାରୀ ଗୁରୁଦେବ କର୍ମୀ ସୂଚନା ଦେଇଛନ୍ତି। ଥାନା ଅଧିକାରୀଙ୍କ ସୂଚନା ଏବଂ ନେତୃତ୍ୱରେ ଏହି ଚଢ଼ାଉରେ ଏସ୍‌ଡିପିଓ ତପନ କୁମାର ମହାନନ୍ଦ, ନନ୍ଦପୁର ତହସିଲଦାର ସୀମାଞ୍ଚଳ ପାତ୍ର ଓ ଅବକାରୀ ଉପନିରୀକ୍ଷକ ଭବାନୀଶଙ୍କର ସେଠୀ, ତେଜରାଜ ଜାନି ଉପସ୍ଥିତ ଥିଲେ। ଏହି ଅଂଚଳରେ ଗଞ୍ଜେଇ ଚୋରା ଚାଲାଣକୁ ରୋକିବା ପାଇଁ ପୋଲିସ ଗ୍ରୀନ କ୍ଲିନ ମିଶନ ଚଳାଇଥିବା ବେଳେ ନନ୍ଦପୁର ଅଂଚଳରେ ବର୍ତ୍ତମାନ ଗଞ୍ଜେଇ ଚାଷ ପ୍ରତି ଲୋକ ଆକୃଷ୍ଟ ହେଉଥିବା ଯୋଗୁ ପ୍ରଶାସନ ପାଇଁ ମୁଣ୍ଡବ୍ୟଥା ପାଲଟିଛି।

# ଜୟପୁର ବ୍ଲକ କାର୍ଯ୍ୟାଳୟରେ ଆବାସ ମେଳା

ଜୟପୁର,୨୧।୧୨(ଡି.ଏନ୍.ଏ.)

ଆବାସ ଯୋଜନାରେ ଜୟପୁର ବ୍ଲକର ୨୯୨ଜଣ ହିତାଧିକାରୀଙ୍କ ମଧ୍ୟରୁ ୧୦୭ ଜଣ ତିନି ମାସ ମଧ୍ୟରେ ସେମାନଙ୍କ ଗୃହ ଶେଷ କରିଛନ୍ତି। ତେଣୁ ପ୍ରତ୍ୟେକଙ୍କୁ ୨୦ ହଜାର ଟଙ୍କା ପ୍ରୋତ୍ସାହନ ରାଶି ଦେବା ପାଇଁ ସୁପାରିଶ କରାଯାଇଛି। ମେଳାରେ ଉକ୍ତ ୧୦୭ ଜଣ ହିତାଧିକାରୀଙ୍କୁ ସମ୍ମାନିତ କରାଯିବା ସହ ଅନ୍ୟମାନଙ୍କୁ ଶୀଘ୍ର ନିର୍ମାଣକାମ ସାରିବା ପାଇଁ ପରାମର୍ଶ ଦିଆଯାଇଥିଲା। ମେଳାରେ ବିଡିଓ ସୂରଜ ପଟ୍ଟନାୟକ, ଅଧକ୍ଷା ସୁକାନ୍ତ ବାଗଦେରିଆ, ଉପାଧକ୍ଷ ଈଶ୍ୱର ବାଘ, ଜିପିଓ କ୍ଷିତୀଶ ଦାଶ, ପିଇଓ ଅମ୍ବିକା ପାଢ଼ୀ, ସନାତନ ପଣ୍ଡା ଉପସ୍ଥିତ ଥିଲେ।

# 'ପିଲାଙ୍କ ପାଇଁ ମୋବାଇଲଠାରୁ ଗୀତା ଉପଯୋଗୀ'



ମଞ୍ଚାସୀନ ଅତିଥିମାନେ।

କୁନ୍ଦୁରା,୨୧।୧୨(ଡି.ଏନ୍.ଏ.)

କୁନ୍ଦୁରା ବ୍ଲକ ଗୁଣ୍ଡାଳସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ତୃତୀୟ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ଅନୁଷ୍ଠାନର ବିଜ୍ଞାନଗାରର ଶୁଭାରମ୍ଭ କରିଛନ୍ତି। ନବରଙ୍ଗପୁର ଏମ୍‌ପି ରମେଶ ମାଝି ସମ୍ମାନିତ ଅତିଥି, ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧାପିକା ସୁଚରିତା ମିଶ୍ର ମୁଖ୍ୟବକ୍ତା ଭାଗେ ମଞ୍ଚାସୀନ ଥିଲେ। ଆଜିର ନୂଆପିଢ଼ି ପାଇଁ ଲ୍ୟାପଟପ୍, ମୋବାଇଲ ଯେତିକି ଆବଶ୍ୟକ, ତା'ଠାରୁ ଗୀତା, ଭାଗବତ ସେମାନଙ୍କ ପାଇଁ ବେଶୀ ଉପଯୋଗୀ ବୋଲି ମୁଖ୍ୟବକ୍ତା ମିଶ୍ର କହିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଗୋଷ୍ଠୀ ଶିକ୍ଷାଧିକାରୀ ବିଚିତ୍ରାନନ୍ଦ ସେଠୀ, ପଞ୍ଚାୟତ ସମିତି ଅଧକ୍ଷ ସୁରେନ୍ଦ୍ର ପରଜା, ଶିକ୍ଷାବିତ୍ ପଞ୍ଚାନନ ଗୌଡ଼ ଯୋଗ ଦେଇଥିଲେ। ପ୍ରିନ୍ସିପାଲ ଅସିତ ମିର୍ଦ୍ଧା ବାର୍ଷିକ ବିବରଣୀ ପାଠ ଓ ଅତିଥି ପରିଚୟ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ତ୍ରିନାଥ ହରିଜନ, ଅଧାପକ ଶ୍ୱେତ ବସନ୍ତ ରଥ, ଉପେନ୍ଦ୍ର ନାରାୟଣ ଜେନା, ଅନିଲ ପଟ୍ଟନାୟକ ଯୋଗ ଦେଇଥିଲେ।

### ଘରକୁ ଫେରିଲେ ମାନସିକ ଅସୁସ୍ଥ ମହିଳା

ଜୟପୁର,୨୧।୧୨(ଡି.ଏନ୍.ଏ.)

କୋରାପୁଟ ସହରରୁ ଉଦ୍ଧାର ହୋଇଥିବା ଜଣେ ମାନସିକ ଅସୁସ୍ଥ ମହିଳା ଦିପ୍ତି ନିବାସରେ ଚିକିତ୍ସା ପରେ ସୁସ୍ଥ ହୋଇଛନ୍ତି। ସେ ହେଲେ ରମା ସ୍ୱାଭି (୫୦)। ୨୩ ବର୍ଷ ତଳେ ଅନ୍ୟ ଜଣେ ସମ୍ପ୍ରଦାୟର ବ୍ୟକ୍ତିଙ୍କୁ ସେ ବିବାହ କରି ସ୍ୱାମୀଙ୍କ ସହ ସେ ରାମଗିରିରେ ରହୁଥିଲେ। କିନ୍ତୁ ୨୦୧୩ରୁ ତାଙ୍କ ମାନସିକ ସ୍ଥିତି ଠିକ ନ ଥିଲା। ଗତ ବର୍ଷ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ହୋଇଥିଲା। ଫଳରେ ତାଙ୍କର ମାନସିକ ସ୍ଥିତି ଅଧିକ ଖରାପ ହେବା ସହ ସେ ଘର ଛାଡ଼ି ଚାରିଆଡ଼େ ଘୂରି ବୁଲୁଥିଲେ। କେହି ଜଣେ ତାଙ୍କୁ ଉଦ୍ଧାର କରି କୋରାପୁଟସ୍ଥିତ ଦିପ୍ତିନିବାସରେ ଛାଡ଼ିଥିଲେ। ପ୍ରାଧିକରଣ ସଂପାଦିତା ଲଳିତମଞ୍ଜରୀ ପଟ୍ଟନାୟକ ଗତ ଅକ୍ଟୋବର ୧୦ରେ କାଉନସେଲିଂ ପରେ ତାଙ୍କଠାରୁ ସବୁକଥା ଜାଣିବା ପରେ ଯୋଗାଯୋଗ କରି ଶନିବାର ତାଙ୍କ ବାପଘର କୁମ୍ଭାର ସାହିରେ ରମାଙ୍କୁ ନେଇ ଛାଡ଼ିଥିଲେ। ଏହି ସମୟରେ ସ୍ୱେଚ୍ଛାସେବୀ ସୋମନାଥ ମହାନ୍ତି ଉପସ୍ଥିତ ଥିଲେ।

■ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ଦାବିପତ୍ର

# ପୁନଃ ସ୍ଥାପନ ହେଉ ସାଧାରଣ ଅଭିଯୋଗ ଓ ପେନ୍‌ସନ ବିଭାଗ



ଅବସରପ୍ରାପ୍ତ ସରକାରୀ କର୍ମଚାରୀମାନେ ଦାବିପତ୍ର ଦେଉଛନ୍ତି।

ପଟ୍ଟାଙ୍ଗି,୨୧।୧୨(ଡି.ଏନ୍.ଏ.)

ପଟ୍ଟାଙ୍ଗିସ୍ଥିତ ଜଗନ୍ନାଥ ମନ୍ଦିରରେ ସ୍ଥାନୀୟ ମା' ଗାଙ୍ଗେଶ୍ୱରୀ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସମ୍ପାଦକ ପଦ୍ମଚରଣ ସାହୁଙ୍କ ଆହ୍ୱାନ କ୍ରମେ ଶତାଧିକ ସଦସ୍ୟଙ୍କୁ ନେଇ ଏକ ବୈଠକ ବସିଛି। ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କୁ ପଞ୍ଜାବ ପରି ଦେଶର ଅନ୍ୟ ରାଜ୍ୟରେ ଚିକିତ୍ସା ଓ ଭତ୍ତା ସୁବିଧା ମିଳୁଛି। କିନ୍ତୁ ଓଡ଼ିଶାରେ ସେମାନେ ଏଥିରୁ ବଞ୍ଚିତ। ୨୬ ବର୍ଷ ତଳେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ସମୟରେ ଗଠିତ ସାଧାରଣ ଅଭିଯୋଗ ଓ ପେନସନ ବିଭାଗକୁ ରାଜ୍ୟ ସରକାର ବନ୍ଦ କରିଦେଇଥିବା ବେଳେ ଉକ୍ତ ବିଭାଗକୁ ପୁନର୍ବାର କାର୍ଯ୍ୟକ୍ଷମ କରିବା ପାଇଁ ମତ ପ୍ରକାଶ ପାଇଥିଲା। ବୈଠକ ପରେ ସଂଘ ସଭାପତି ମୋହନ ବାଙ୍କାଙ୍କ ନେତୃତ୍ୱରେ ମନ୍ଦିରରୁ ଏକ ରାଲି ଅଞ୍ଚଳ ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲା। ସେଠାରେ ବିଡିଓ କରୁଣାକର ପ୍ରଧାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୩ଦଫା ସମ୍ବଳିତ ଦାବିପତ୍ର ଦିଆଯାଇଥିଲା। ଚିକିତ୍ସା ସୁବିଧା ଓ ଭତ୍ତା, ସାଧାରଣ ଅଭିଯୋଗ ଓ ପେନସନ ବିଭାଗ ପୁନଃ ସ୍ଥାପନ, ସପ୍ତମ କେନ୍ଦ୍ରୀୟ ବେତନ ଲାଗୁ ପରେ ରାଜ୍ୟ ପେନସନ ଭୋଗୀଙ୍କୁ କେନ୍ଦ୍ର ଅନୁରୂପ ନୂତନ ପେନସନ ନିର୍ଦ୍ଧାରଣ ଓ ସର୍ବନିମ୍ନ ପେନସନ ଅସଙ୍ଗତି ଦୂର କରିବାକୁ ସେଥିରେ ଉଲ୍ଲେଖ କରାଯାଇଥିଲା। ଏହାର ନକଲ ଅତିରିକ୍ତ ତହସିଲଦାର ମହାଦେବ ଭତ୍ରାଙ୍କୁ ମଧ ଦିଆଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସଂଘର ସୁବାସ ଚନ୍ଦ୍ର ଦାଶ, ଜଗନ୍ନାଥ କର, ପୂର୍ବତନ ବିଧାୟିକା ଚନ୍ଦ୍ରମା ସାନ୍ତା, ପ୍ରତାପ ପରିଡ଼ା, ଆନନ୍ଦ ବାଙ୍କା, ନାରାୟଣ ମଲ୍ଲିକ, ଚୈତନ୍ୟ ପଟସଲି, ମଣିମା ପଟ୍ଟନାୟକ, କୌଶଲ୍ୟା ଜେନା, ହେମଲତା ତ୍ରିପାଠୀ ପରିଚାଳନା କରିଥିଲେ।

■ ଜାଲ୍ ଭାଗଚାଷୀ ଠାବ ପରେ

# ନିଗମରେ ପଞ୍ଜୀକୃତ ଚାଷୀ ଏବେ ଟାର୍ଗେଟରେ

ଜୟପୁର,୨୧।୧୨(ଡି.ଏନ୍.ଏ.)

■ ମଣ୍ଡି, ନିଗମରେ ପଞ୍ଜିକୃତ ହୋଇ ଧାନ ବିକିଛନ୍ତି ଦଲାଲ
■ ଖୋଳତାଡ଼ ଆରମ୍ଭ କଲା ଯୋଗାଣ ବିଭାଗ
■ ମଣ୍ଡିରେ ପଞ୍ଜିକୃତଙ୍କ ମଧରେ କଟିଲେ ୫୭ ଜଣ

ଯୋଗାଣ ବିଭାଗ ପକ୍ଷରୁ ତଦନ୍ତ ଓ ଯାଞ୍ଚ ବେଳେ କୋରାପୁଟ ଜିଲା ଜୟପୁର ବ୍ଲକର ଫାମ୍ପୁଣି ପଞ୍ଚାୟତରେ ୪୧ ଜଣ ଜାଲ ଭାଗଚାଷୀ ଠାବ ହୋଇଥିବା ନେଇ ସୂଚନା ପ୍ରାପ୍ତ ହୋଇଛି। ବର୍ତ୍ତମାନ ବିଭାଗ ପକ୍ଷରୁ ବିହନ ନିଗମରେ କେତେକ ଚାଷୀ ପଞ୍ଜିକୃତ ହୋଇଥିବା ବେଳେ ମଣ୍ଡିରେ ଧାନ ବିକ୍ରି ପାଇଁ କ୍ରୟକାରୀ ସଂସ୍ଥା ଦ୍ୱାରା ପଞ୍ଜିକରଣ କରିଛନ୍ତି। ଉଭୟ ନିଗମ ଓ ମଣ୍ଡିରେ ଧାନ ବିକ୍ରି କରୁଥିବା ଚାଷୀଙ୍କ ନାମରେ କେତେକ ଦଲାଲ ଦୀର୍ଘ ବର୍ଷ ଧରି କରିଥିବା ଦୁର୍ନୀତିକୁ ନେଇ ଯୋଗାଣ ବିଭାଗ ଯାଞ୍ଚ ଆରମ୍ଭ କରିଛି। ଏନେଇ ନିଗମରେ ଚଳିତ ବର୍ଷ ୩୧୪ ଜଣ ପଞ୍ଜିକୃତ ହୋଇଥିବା ଚାଷୀଙ୍କ ଏକ ସୂଚୀ ଯୋଗାଣ ବିଭାଗ ପକ୍ଷରୁ ମଗାଯାଇ ଯାଞ୍ଚ କରାଯାଉଛି। ଏହି ଚାଷୀଙ୍କ ନାମରେ କିମ୍ବା ତାଙ୍କର ପରିବାର ସଦସ୍ୟଙ୍କ ନାମରେ ସରକାରୀ ଧାନ ବିକ୍ରି କେନ୍ଦ୍ର ନାମ ପଞ୍ଜିକୃତ କରାଯାଇଥିବା ନେଇ ଖୋଳତାଡ଼ ହେଉଛି। ଉଭୟଥିରେ ନାମ ପଞ୍ଜିକୃତ ହୋଇ ଧାନ ବିକ୍ରି କରାଯାଉଥିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜଣାପଡ଼ିଛି। ଜୟପୁର ଉପଖଣ୍ଡର ସଦର, କୁନ୍ଦୁରା, କୋଟପାଡ଼ ବ୍ଲକରେ ପଞ୍ଜିକୃତ ହୋଇ ନିଗମକୁ ଧାନ ବିକ୍ରି କରାଯାଇଥାଏ। ସରକାରୀ ମଣ୍ଡିରେ ମଧ ନିଜର ଓ ପରିବାରଙ୍କ ନାମରେ ଧାନ ବିକ୍ରି ହୋଇଥାଏ। ଏହିପରି ଦୁଇ ଥର ଗୋଟିଏ ଜମିର ଧାନ ବିକ୍ରି ହେଉଥିବା ଅଭିଯୋଗ ହୋଇଥିଲା। ତେଣୁ ଯୋଗାଣ ବିଭାଗ ଏହାର ଯାଞ୍ଚ ଆରମ୍ଭ କରିଦେଇଛି। ଉନ୍ନତମାନର ଧାନକୁ କୁଇଣ୍ଟାଲ ପିଛା ନିଗମ ପକ୍ଷରୁ ଖଣ୍ଡଗିରି, ମନ୍ଦାକିନୀ, ସହଭାଗୀ ପ୍ରଜାତିର ଧାନ କୁଇଣ୍ଟାଲ ପିଛା ୨୩୬୦ ଟଙ୍କା ଏବଂ ଲଲାଟ, ୧୦୦୧, ୧୦୧୦ ପ୍ରଜାତିର ଧାନ କୁଇଣ୍ଟାଲ ପିଛା ୨୩୦୫ ଟଙ୍କାରେ ନିଗମରେ ପଞ୍ଜିକୃତ ଚାଷୀଙ୍କ ଅମଳ ଧାନ କିଣା ହୋଇଥାଏ। ସେହିପରି ଚଳିତ ବର୍ଷ ସରକାରଙ୍କ ପକ୍ଷରୁ ଧାନ କୁଇଣ୍ଟାଲ ପିଛା ୧୮୧୫ ଟଙ୍କାରେ କିଣାଯାଉଛି। ଏହିପରି ଉଭୟ ସରକାରଙ୍କ ପକ୍ଷରୁ ନିଯୁକ୍ତ କ୍ରୟକାରୀ ସଂସ୍ଥା ଏବଂ ବିହନ ନିଗରେ ପଞ୍ଜିକୃତ ଚାଷୀ ନାମରେ ଦଲାଲଙ୍କ ଯାଞ୍ଚ ପରେ ପଞ୍ଜିକରଣ ଖାରଜ କରାଯିବା ନେଇ ଆଶଙ୍କା ରହିଛି। ଶୁକ୍ରବାର ସୁଦ୍ଧା ୨୬,୮୩୦ ଜଣ ମଣ୍ଡିରେ ଚାଷୀ ପଞ୍ଜିକୃତ ହୋଇଥିବା ବେଳେ ୫୭ ଜଣ ଶନିବାର ଯାଞ୍ଚ ପରେ କଟିଯାଇଥିବା ଅନଲାଇନ୍‌ରେ ଦେଖିବାକୁ ମିଳୁଛି।

ଧରିତ୍ରୀର ୪୬ତମ ଜନ୍ମ ଦିବସ ଉପଲକ୍ଷେ ଦଶମନ୍ତପୁର ବ୍ଲକ ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।



ଶ୍ରୀ ନାରାୟଣ ବିଷୋଇ (ପଣ୍ଡିତ)
ବ୍ଲକ୍ ଉପାଧ୍ୟକ୍ଷ ତଥା ଜିଲ୍ଲା ଉପସଭାପତି
ଦଶମନ୍ତପୁର ବ୍ଲକ୍, କୋରାପୁଟ

## ସଂକ୍ଷେପରେ

### ଜିଲାସ୍ତରୀୟ ନିଯୁକ୍ତି ମେଳା : ୪୭ ଯୁବତୀ ଯୁବକ ନିଯୁକ୍ତ

ନବରଙ୍ଗପୁର,୨୧।୧୨(ବି.ପ୍ର.)- ସ୍ଥାନୀୟ ରାଜା ଚୈତନ୍ୟଦେବ ନୋଡାଲ ହାଇସ୍କୁଲ ପଡିଆ ଠାରେ ଜିଲା ପ୍ରଶାସନ ପକ୍ଷରୁ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇ ଯାଇଛି । ଜିଲାପାଳ ଅଜିତ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିବିର ଶୁଭାରମ୍ଭ କରିଥିଲେ । ଏହି ଜିଲାର ଯୁବତୀ ଯୁବକ କିଭଳି ନିଯୁକ୍ତି ପାଇ ପାରିବେ ସେ ନେଇ ଏହିଶିବିର ଆୟୋଜିତ ହୋଇଛି । ନୋଡାଲ ଅଧିକାରୀ ଏସ.ଭି.ଏନ. ରାଓ, ଜିଲା ନିୟଜନ ଅଧିକାରୀ କାହ୍ନୁଚରଣ ବେହେରା, ଜିଲା ଶ୍ରମ ଅଧିକାରୀ ଏନ.କେ. ଗଇପଇ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଅତିରିକ୍ତ ନିୟୋଜନ ଅଧିକାରୀ ରାମଚନ୍ଦ୍ର କିଶାନ, ମୁଖ୍ୟ କିରାଣୀ ବିଜୟ କୁମାର ମହାନ୍ତି ଓ ବରିଷ୍ଠ କିରାଣୀ ମାନଓ ରଂଜନ ସିଆଲ ଯୋଗ ଦେଇଥିଲେ । ଶିବିରରେ ୫୮୮ ଜଣ ଯୁବତୀ ଯୁବକ ଯୋଗ ଦେଇଥିଲେ । ସେଥିମଧ୍ୟରୁ ସିଧାସଳଖ ୪୭ ଜଣ ନିଯୁକ୍ତି ପାଇଁ ଚୟନ ହୋଇଥିବା ବେଳେ ୧୫୭ ଜଣ ତାଲିମ ପରେ ନିଯୁକ୍ତି ପାଇବେ । ୧୦ ନିଯୁକ୍ତି ଦାତା ଓ ୧୮ଟି ପି.ଆଇ.ଏ ମେଳାରେ ଯୋଗ ଦେଇ ଏହି ଚୟନ କରିଛନ୍ତି।

### ପୋଖରୀରେ ବୁଡି ଯୁବତୀ ମୃତ

ଡାବୁଗାଁ, ୨୧।୧୨(ଡି.ଏନ.ଏ.)- ଡାବୁଗାଁ ବ୍ଲକ ଅଧୀନ ଡୁମୁନିଗୁଡା ଗ୍ରାମରେ ଶନିବାର ଅପରାହ୍ନରେ ପୋଖରୀରେ ବୁଡି ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି । ଡାବୁଗାଁ ବ୍ଲକ ଅଧୀନ ଡୁମୁନିଗୁଡା ଗ୍ରାମର ମିତୁଲା ସିଂ (୨୨) ଗାଧୋଇବାକୁ ଗ୍ରାମ ପାଖ ପୋଖରୀକୁ ଯାଇଥିଲେ । ଗାଧୋଇବା ବେଳେ ତାଙ୍କ ଗୋଡ ଖସି ଯିବାରୁ ସେ ପାଣିରେ ବୁଡି ଯାଇଥିଲେ। ମିତୁଲାଙ୍କ ଦାଦା ପୁଅ ରାମଚନ୍ଦ୍ର ମାଝୀ ପୋଖରୀକୁ ଧୋଇହେବା ପାଇଁ ଯାଇଥିବା ବେଳେ କଣ ଭାସୁଥିବା ଦେଖିଥିଲେ । ପାଖକୁ ଯିବାରୁ ମିତୁଲା ବୋଲି ଜାଣିବାକୁ ପାଇଥିଲେ । ସେ ଆସି ଘରେ ଖବର ଦେଇଥିଲେ। ଏହାପରେ ରାମଚନ୍ଦ୍ର ଡାବୁଗାଁ ଥାନାରେ ଏତଲା ଦେଇଥିଲେ । ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ଏନେଇ ଥାନାରେ ନଂ ୩୯/୧୯ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

### ବ୍ଲକସ୍ତରୀୟ ଟେରାକୋଟା ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ଚିତ୍ରକୋଣ୍ଡା,୨୧।୧୨(ଡି.ଏନ.ଏ.)- ଜିଲା ଶିଳ୍ପ କେନ୍ଦ୍ର ପକ୍ଷରୁ ଚିତ୍ରକୋଣ୍ଡାସ୍ଥିତ ଶିଶୁ ଓ ମହିଳା କଲ୍ୟାଣ ସମିତି ତାଲିମ କେନ୍ଦ୍ରରେ ବ୍ଲକସ୍ତରୀୟ ଟେରାକୋଟା ତାଲିମ କାର୍ଯ୍ୟକ୍ରମ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ଦୋରାଗୁଡା ପଞ୍ଚାୟତର ଗଉଡ଼ଗୁଡାଇ, ଆରଏସସି -୯, ଥାଟମାନଗୁଡା ଏବଂ ଚିତ୍ରକୋଣ୍ଡା ଗ୍ରାମର ୩୦ ଜଣ ସଦସ୍ୟ ଏଥିରେ ସାମିଲ ହୋଇଛନ୍ତି। ଜିଲା ଶିଳ୍ପ କେନ୍ଦ୍ର ସାଧାରଣ ପରିଚାଳକ ଗଣେଶ ଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ କାର୍ଯ୍ୟନିର୍ବାହୀ ପ୍ରକାଶ ଚନ୍ଦ୍ର ଦାଶ, ଆଇପିଓ ବିମଳ କୁମାର କାନ୍ଦୁଲ, ଶିଶୁ ଓ ମହିଳା କଲ୍ୟାଣ ସମିତିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ପଣ୍ଡା ଉପସ୍ଥିତ ଥିଲେ। ଏହି ତାଲିମ କାର୍ଯ୍ୟକ୍ରମ ୬ ମାସ ଚାଲିବ। ୨ ଜଣ ତାଲିମଦାତା ତାଲିମ ଦେଉଛନ୍ତି। ଏହି ମାଟି ତିଆରି କଳାକୃତି ସାମଗ୍ରୀର ଚାହିଦା ଥିବାରୁ ଜଣେ ଏହାକୁ ବୃତ୍ତି ଭାବରେ ଗ୍ରହଣ କରିପାରିବ ବୋଲି କାର୍ଯ୍ୟକ୍ରମରେ ଅତିଥିମାନେ ପରାମର୍ଶ ଦେଇଥିଲେ।

### ସୁନେତ୍ର କାର୍ଯ୍ୟକ୍ରମ

ପଡ଼ିଆ, ୨୧।୧୨ (ଡି.ଏନ୍.ଏ.)- ମାଲକାନଗିରି ଜିଲା ପଡ଼ିଆ ବ୍ଲକ୍‌ସ୍ଥିତ ଆଞ୍ଚଳିକ ମହାବିଦ୍ୟାଳୟଠାରେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୁନେତ୍ର ଯୋଜନାରେ ଏକ ଚକ୍ଷୁ ପରୀକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବ୍ଲକ୍‌ର ସମସ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଏମାନଙ୍କ ମଧ୍ୟରୁ ୩୫ ଜଣ ଛାତ୍ରୀଛାତ୍ରଙ୍କୁ ଚଷମା ପ୍ରଦାନ କରାଯିବ । ଏଥିରେ ଡା. ଜଗନ୍ନାଥ ସାହୁ, ଡା. ଶ୍ରୀନିବାସ ଚିନ୍ନାରା, ସୁପରଭାଇଜର ଚନ୍ଦ୍ରଶେଖର ସ୍ୱାଇଁ, ସି.ବି. ନାୟକ, ଭି.କେ. ରାଓ, ବ୍ଲକ ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣ୍ଡେଙ୍କ ସହ ସିଆରସିସିମାନେ ଉପସ୍ଥିତ ଥିଲେ।

■ ନାବାଳିକାଙ୍କୁ ଗଣବଳାତ୍କାର ଓ ହତ୍ୟା ଘଟଣା

# ରାଜ୍ୟ ସରକାରଙ୍କୁ ବର୍ଷିଲା କଂଗ୍ରେସ

■ ୨୬ରେ ନବରଙ୍ଗପୁର ବନ୍ଦ
■ ନ୍ୟାୟ ନ ମିଳିବା ଯାଏ ଆନ୍ଦୋଳନ ଜାରି ରହିବ
■ କୁନ୍ଦୁଲି ଗଣବଳାତ୍କାର ରିପୋର୍ଟ ପରିବର୍ତ୍ତନ କରାଗଲା, ଏଠାରେ ତାହା କରାଇ ଦିଆଯିବ ନାହିଁ

ନବରଙ୍ଗପୁର,୨୧।୧୨(ବି.ପ୍ର.)



ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତାମାନେ ।

ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକର ବାମୁଣି ପଞ୍ଚାୟତ ଅଧୀନ ଏକ ଗାଁରେ ଜଣେ ନାବାଳିକାଙ୍କୁ ଗଣବଳାତ୍କାର ଓ ହତ୍ୟା ଘଟଣାକୁ ୯ଦିନ ବିତିଲା । ପୋଲିସ ହାତରେ ଏ ପର୍ଯ୍ୟନ୍ତ ଅଭିଯୁକ୍ତ ଧରାପଡିଲେ ନାହିଁ । ଏହି ଘଟଣାକୁ କଂଗ୍ରେସ ଗୁରୁତ୍ୱର ସହ ନେଇ ସ୍ଥାନୀୟ କଂଗ୍ରେସ ଭବନ ଠାରେ ଆହୁତ ଖବରଦାତା ସମ୍ମିଳନୀରେ ପୋଲିସ ଓ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି । ନାବାଳିକାଙ୍କୁ ଗଣବଳାତ୍କାର ପରେ କଲବଲ କରି ହତ୍ୟା କରାଯାଇଛି। ଏବେ ମୃତ ନାବାଳିକାଙ୍କ ପରିବାର ଲୋକ କଲବଲ ହେଉଛନ୍ତି। ପରିବାରକୁ ପ୍ରଶାସନ ୧୦ ଲକ୍ଷ ଟଙ୍କା ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଲେ । ଅନ୍ତ୍ୟେଷ୍ଟିକ୍ରିୟା ପାଇଁ ୩୨ ହଜାରଟଙ୍କା ପରିବାର ଲୋକଙ୍କ ଦେଇଛନ୍ତି। ସହାୟତା ଯୋଗାଇ ଦେବାକୁ କହି ପ୍ରଶାସନ ଉକ୍ତ ପରିବାରକୁ ଠକୁ ନାହିଁତ ବୋଲି କାର୍ଯ୍ୟକାରୀ ଜିଲା ସଭାପତି ମୁନା ତ୍ରିପାଠୀ ପ୍ରଶ୍ନ କରିଛନ୍ତି। ରାଜ୍ୟ କାର୍ଯ୍ୟକାରୀ ସଭାପତି ତଥା ପୂର୍ବତନ ଏମପି ପ୍ରଦୀପ ମାଝୀ କହିଥିଲେ ଯେ, ନାରୀ ନିର୍ଯ୍ୟାତନା ଚରମ ସୀମାରେ ପହଞ୍ଚିଛି । ୨୦୧୨ରେ ନୂଆଦିଲ୍ଲୀ ଠାରେ ନିର୍ଭୟା ଘଟଣାକୁ କଂଗ୍ରେସ ସରକାର ଅତି ଗୁରୁତ୍ୱର ସହ ନେଇଥିଲେ। ଭାରତ ବର୍ଷରେ ଝିଅ, ମାଆ ଓ ଭଉଣୀଙ୍କ ସୁରକ୍ଷା ପାଇଁ ନିର୍ଭୟା ଫଣ୍ଡ ଗଠନ କରାଯାଇଥିଲା। ସେଥିପାଇଁ ସେ ସମୟରେ କଂଗ୍ରେସ ସରକାର ପ୍ରଥମେ ୨୨୬୪ କୋଟି ଓ ପରବର୍ତ୍ତି ସମୟରେ ୩ ହଜାର ୬ ଶହ କୋଟି ଟଙ୍କା ପ୍ରାବଧାନ ରଖା ଯାଇଥିଲା । ଓଡିଶାକୁ ୫ଶହ କୋଟି ମିଳିଛି ସେଥିମଧ୍ୟରୁ ମାତ୍ର ୬ ପ୍ରତିଶତ ଟଙ୍କା ଖର୍ଚ୍ଚ କରିଛନ୍ତି ଓଡିଶାର ମାଆ, ଭଉଣୀ ଓ ଝିଅଙ୍କ ସୁରକ୍ଷା ନିମନ୍ତେ ବିଜେଡି ସରକାର କେତେ ଚିନ୍ତାଶୀଳ ଏଥିରୁ ଅନୁମାନ କରାଯାଇପାରେ । ନିର୍ଭୟା ଫଣ୍ଡ କାହିଁକି ଖର୍ଚ୍ଚ କରାଯାଇପାରୁ ନାହିଁ । ଏଥିପାଇଁ ଦାୟୀ କିଏ । ଝିଅ, ମା ଓ ଭଉଣୀଙ୍କ ସୁରକ୍ଷା ଦେବାପାଇଁ ଗୃହ ବିଭାଗ ପକ୍ଷରୁ ଇମରଜେନ୍ସି ରେସପଣ୍ଡ ସପୋର୍ଟ ସିଷ୍ଟମ ରହିବ । କେହି ଅତ୍ୟାଚାରର ଶିକାର ହୁଅନ୍ତି ତାହା ହେଲେ ୧୧୨ ନଂ ଡାଏଲ କରି ସହାୟତା ପାଇପାରିବେ । ନବରଙ୍ଗପୁର ଜିଲାରେ ଇମରଜେନ୍ସି ରେସପଣ୍ଡ ସପୋର୍ଟ ସିଷ୍ଟମ ରହିଥିଲେ ଝିଅମାନେ ମୋବାଇଲରେ ୧୧୨ ଡାଏଲ କରି ପୋଲିସର ସହାୟତା ନେଇ ପାରନ୍ତେ । ଇମରଜେନ୍ସି ରେସପଣ୍ଡ ସିଷ୍ଟମର ଠିକ ବ୍ୟବହାର ହୋଇଥାନ୍ତା । ତାହା ହେଲେ କାଳେ ନାବାଳିକାଙ୍କ ଜୀବନ ବଞ୍ଚିଯାଇ ଥାନ୍ତା । ନାବାଳିକାଙ୍କୁ ବର୍ବରତାର ସହିତ ଗଣବଳାତ୍କାର କରି ହତ୍ୟା କରାଯାଇଛି । ୨ଶହ ମିଟର ଘୋଷାରି ନିଆଯାଇଛି । ସାରା ରାତି ନାବାଳିକା ପ୍ରତି ଅତ୍ୟାଚାର କରାଯାଇଛି । ଅବିଭକ୍ତ କୋରାପୁଟ ଜିଲାରେ ଗୋଟିଏ ପରେ ଗୋଟିଏ ଘଟଣା ଘଟି ଚାଲିଛି । ଓଡିଶାର ଜନମାନସକୁ ହୃଦୟକୁ ଦୋହଲାଇ ଦେଇଥିଲା କୁନ୍ଦୁଲି ଘଟଣା। ଆମେ ଆଠମାସର ଲଢେଇ ଲଢିବା ପରେ ଫୋରେନସିକ ଲ୍ୟାବରୁ ଯେଉଁ ରିପୋର୍ଟ ଆସିଥିଲା ସେଥିରେ ଗଣବଳାତ୍କାର ହୋଇଥିବା ଦର୍ଶାଯାଇଥିଲା। ସରକାର ସେହି କଥାକୁ ଚପାଇ ଦେବା ପାଇଁ ରିପୋର୍ଟକୁ ପରିବର୍ତ୍ତନ କରିବାକୁ ପଛେଇ ନଥିଲେ । କୁନ୍ଦୁଲି ଘଟଣାରେ ଆମେ ନ୍ୟାୟ ଦେଇ ପାରିନଥିଲୁ । ଏବେ କଂଗ୍ରେସ ଦଳ ଶପଥ ନେଇଛି ନାବାଳିକା ଗଣବଳାତ୍କାର ଓ ହତ୍ୟା ଘଟଣାରେ ନ୍ୟାୟ ଦେବ । ଆସନ୍ତା ୨୬ ତାରିଖରେ କଂଗ୍ରେସ ଜିଲା ବନ୍ଦ ଡାକରା ଦେବ । ଜିଲା କଂଗ୍ରେସ କମିଟି ସହ ଆଲୋଚନା ପରେ ଆନ୍ଦୋଳନକୁ ଜୋରଦାର କରାଯିବ । କୋଷାଗୁମୁଡାର ଉକ୍ତ ଗ୍ରାମରୁ ଆନ୍ଦୋଳନ ଆରମ୍ଭ ହେବ । ନ୍ୟାୟ ପାଇଁ ରାଜଧାନୀ ଯିବୁ ଆବଶ୍ୟକ ପଡିଲେ ଦିଲ୍ଲୀ ପର୍ଯ୍ୟନ୍ତ ଲଢେଇ ହେବ । ଅଖିଳ ଭାରତୀୟ କଂଗ୍ରେସ କମିଟି ଓ ପ୍ରଦେଶ କଂଗ୍ରେସ କମିଟିକୁ ଆନ୍ଦୋଳନକୁ କିଭଳି ଭାବେ ତ୍ୱରାନିତ୍ୱ କରିବେ ଏଥିପାଇଁ ଜଣାଇ ଦିଆଯାଇଛି ବୋଲି ପୂର୍ବତନ ଏମପି ପ୍ରଦୀପ କହିଛନ୍ତି । ପୂର୍ବତନ ବିଧାୟକ ସଦନ ନାୟକ କହିଥିଲେ ଯେ, ହତ୍ୟା ଓ ବଳାତ୍କାର ଘଟଣାରେ ସମ୍ପୂର୍ଣ୍ଣ ନ୍ୟାୟ ମିଳୁନାହିଁ । ଆଇନ ପ୍ରକ୍ରିୟାରେ ତ୍ୱରାନିତ୍ୱ ହେଉନାହିଁ । ଫାଷ୍ଟଟ୍ରାକ କୋର୍ଟରେ ବିଚାର କରାଯିବାକୁ କହିଛନ୍ତି । କୋଷାଗୁମୁଡା ବ୍ଲକ ଉପସଭାପତି ସଂଜୀବ ବିଷୋୟୀ କହିଥିଲେ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯାଇ ଫାଶୀ କିମ୍ବା ଏନକାଉଣ୍ଟର ଭଳି ଦଣ୍ଡ ବିଧାନ କରାଯାଉ ବୋଲି ଦାବୀ କରିଛନ୍ତି। ଖବରଦାତା ସମ୍ମିଳନୀରେ ଦିଲ୍ଲିପ ବେହେରା, ଉତମ ତ୍ରିପାଠୀ, କୁନା ପାଢୀ, ପ୍ରଦୀପ ସାହୁ, ଜିଲା ଆଇନ ଜୀବୀ ସଂଘର ସମ୍ପାଦକ ତଥା ଜିଲା କଂଗ୍ରେସ କମିଟିର ଆଇନ ପରାମର୍ଶ ଦାତା ରାମ ପ୍ରସାଦ ପାତ୍ର, ସରୋଜ ପାତ୍ର, ପ୍ରଭାତୀ ତ୍ରିପାଠୀ, ମିନତି ପଟ୍ଟନାୟକ, ଅଖିଳ ଭତରା, ପଦ୍ମନ ବିଷୋୟୀ, ବୃନ୍ଦାବନ ତ୍ରିପାଠୀ, ସଂଜୟ ନାୟକ ପ୍ରମୂଖ ଉପସ୍ଥିତ ଥିଲେ।

■ ଜିଲା ନୋଡାଲ ଅଧିକାରୀ ବିଭିନ୍ନ ବିଭାଗର କଲେ ସମୀକ୍ଷା

# ଧାର୍ଯ୍ୟ ସମୟରେ ଅଙ୍ଗନୱାଡି ଗୃହ ଶେଷ ପାଇଁ ନିର୍ଦ୍ଦେଶ

ନବରଙ୍ଗପୁର,୨୧।୧୨(ବି.ପ୍ର.)

ଶିଳ୍ପ ବିଭାଗ ସଚିବ ତଥା ନବରଙ୍ଗପୁର ଜିଲା ନୋଡାଲ ଅଧିକାରୀ ହେମନ୍ତ ଶର୍ମା ନବରଙ୍ଗପୁର ଜିଲା ଦୁଇଦିନିଆ ଗସ୍ତରେ ଆସି ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ କକ୍ଷଠାରେ ଶନିବାର ବିଭିନ୍ନ ବିଭାଗର ସମୀକ୍ଷା କରିଛନ୍ତି । ନିରାମୟ ଯୋଜନା ଉପରେ ସମୀକ୍ଷା କରିଥିଲେ । ଡାକ୍ତରମାନେ ନିରାୟମ ଦ୍ୱାରା ଯୋଗାଇ ଦିଆଯାଉଥିବା ଔଷଧ ପ୍ରେସକ୍ରିପସନ କରୁଥିବା ଜଣାଇଥିଲେ । କୃଷି ଓ ଉଦ୍ୟାନ କୃଷି ଦ୍ୱାରା ଚାଷୀଙ୍କ ଆର୍ଥୀକ ଉନ୍ନତି ପାଇଁ ଚାଲିଥିବା କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ । ପିଡିଏସ ସାମଗ୍ରୀ ଯୋଗାଣ ଓ ଧାନ ମଣ୍ଡି ଠିକ ଠାକ ଚାଲିଥିବା ନେଇ ସନ୍ତୋଷ ଜନକ ହୋଇଥିଲେ । ଜିଲା ଶ୍ରମ ନିୟୋଜନ ଓ ଶ୍ରମିକ ମାନଙ୍କ ପଞ୍ଜିକରଣ ଓ ଉପକରଣ ଯୋଗାଣ ଉପରେ ଆଲୋଚନା ହୋଇଥିଲା । ଅଙ୍ଗନୱାଡି ଗୃହ ଗୁଡିକ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଉଠା ଜଳସେଚନ ପାଇଁ ଗଭୀର ନଳକୂପ ଖନନ ଉପରେ ଗୁରୁତ୍ୱାରୋପ କରିଥିଲେ । ଜିଲା ସାମାଜିକ ସୁରକ୍ଷା ବିଭାଗ ଦ୍ୱାରା ଦିବ୍ୟାଙ୍ଗଙ୍କୁ ବିଭିନ୍ନ ଉପକରଣ ଅଭିଯୋଗ ଶୁଣାଣୀ ଦିବସରେ ପ୍ରଦାନ କରାଯାଉଛି ବୋଲି ଜିଲାପାଳ ଅଜିତ କୁମାର ମିଶ୍ର କହିଥିଲେ । ଗ୍ରାମୀଣ ଆବାସ ଯୋଜନାରେ ରହିଥିବା ଟାର୍ଗେଟକୁ ତୁରନ୍ତ ପୂରଣ କରନ୍ତୁ । ହିତାଧିକାରୀ ଯେମିତି ହଇରାଣ ନହୁଅନ୍ତି ସେଥିପ୍ରତି ଗୁରୁତ୍ୱ ଦେବାକୁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ପରାମର୍ଶ ଦେଇଥିଲେ । ଗ୍ରାମ୍ୟ ନିର୍ମାଣ ବିଭାଜନ ବିଭାଗ ଦ୍ୱାରା ରାସ୍ତାଘାଟ ନିର୍ମାଣ କାର୍ଯ୍ୟ ଉପରେ ଗୁରୁତ୍ୱ ଦେଇ ସମୟ ସୀମା ମଧ୍ୟରେ କାର୍ଯ୍ୟସମ୍ପୂର୍ଣ୍ଣ କରିବାକୁ ତାଗିଦ କରିଥିଲେ । ଏହି ସମୀକ୍ଷାରେ ଉପଜିଲାପାଳ ଭାସ୍କର ରଇତୋ, ସିଡିଏମଓ ସନ୍ତୋଷ କୁମାର ସ୍ୱାଇଁ, ଡିଏଫଓ ରଞ୍ଜୀତ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ ।


ବୈଠକରେ ଜିଲା ନୋଡାଲ ଅଧିକାରୀ, ଜିଲାପାଳ ଓ ଅନ୍ୟମାନେ ।

# ଧାନବସ୍ତା ରଖି ଚାଷୀଙ୍କ ରାସ୍ତାରୋକୋ

ଚନ୍ଦାହାଣ୍ଡି,୨୧।୧୨(ଡି.ଏନ.ଏ)


ଚାଷୀମାନେ ଧାନ ବସ୍ତା ରଖି ରାସ୍ତା ଅବରୋଧ କରିଛନ୍ତି ।

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ଧାନମଣ୍ଡିରେ ଚାଷୀ ଧାନ ଆଣି ୩ ଦିନ ହେଲା ଓଜନ କରାଯାଇ ନ ଥିବାରୁ ଏଥିପାଇଁ ବହୁ ଚାଷୀ ଚନ୍ଦାହାଣ୍ଡି-ଉମରକୋଟ ରାସ୍ତା ଉପରେ ଧାନ ବସ୍ତା ରଖି ଅବରୋଧ କରିଥିଲେ । କିଛି ଚାଷୀ ସେମାନଙ୍କ ଧାନ ଠିକ ସମୟରେ ଓଜନ ହୋଇ ନ ପାରିବାରୁ କିଛି ଧାନବସ୍ତା ଚୋରି ହୋଇଯାଇଥିବାରୁ ଅଭିଯୋଗ କରିଥିଲେ। ମୁଖ୍ୟ ରାସ୍ତା ଅବରୋଧ ପରେ କିଛି ଘଣ୍ଟା ରାସ୍ତାର ଉଭୟ ପାର୍ଶ୍ୱରେ ଗାଡି ଚଳାଚଳ ହୋଇ ନ ପାରି ଅଟକି ରହିଥିବା ବେଳେ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଖବର ପାଇ ସାମାଜିକ କର୍ମୀ ପ୍ରମୋଦ କୁମାର ପାଢୀ, ବ୍ଲକ ଯୋଗାଣ ନିରୀକ୍ଷକ ଦେବେନ୍ଦ୍ର ସେଠିଆ, ଲ୍ୟାମ୍ପସ ଏମଡି ଉମେଶ ଚନ୍ଦ୍ର ତ୍ରିପାଠୀ ଚାଷୀଙ୍କୁ ବୁଝାସୁଝା କରିଥିଲେ। ଆଣିଥିବା ଧାନ ଶୀଘ୍ର ଓଜନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଚାଷୀଙ୍କ ଅବରୋଧ ହଟିଥିଲେ। ଏଥିରେ ଚାଷୀ ମନଧର ଧୁରୁଆ, କୋରୁଷ ମାଝି, ମୋତିଲାଲ ହଂସ, ରାଇତନ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

### ବଡଓଲମା ଉଚ୍ଚ ବିଦ୍ୟାଳୟ ପୁରସ୍କୃତ

ଡାବୁଗାଁ, ୨୧।୧୨(ଡି.ଏନ.ଏ.)

ଡାବୁଗାଁ ବ୍ଲକ ଅଧୀନ ବଡଓଲମା ଉଚ୍ଚ ବିଦ୍ୟାଳୟ ଶ୍ରେଷ୍ଠ ବିଦ୍ୟାଳୟ ଭାବେ ଶନିବାର ପୁରସ୍କୃତ ହୋଇଛି । ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ଭୁବନେଶ୍ୱର ସ୍ଥିତ ଆଦିବାସୀ ପଡିଆରେ ଚାଲିଥିବା ରାଜ୍ୟ ସ୍ତରୀୟ ସର୍ଗିଫୁଲ କାର୍ଯ୍ୟକ୍ରମରେ ବଡଓଲମା ଉଚ୍ଚ ବିଦ୍ୟାଳୟ ଶ୍ରେଷ୍ଠ ବିଦ୍ୟାଳୟ ଭାବେ ପୁରସ୍କୃତ ହୋଇଛି । ବିଦ୍ୟାଳୟ ପ୍ରଧାନଶିକ୍ଷକ ଗୋପାଳ ଚନ୍ଦ୍ର ମିଶ୍ରଙ୍କ ତରଫରୁ ଶିକ୍ଷୟତ୍ରୀ ରଶ୍ମିରେଖା ସ୍ୱାଇଁ ଉକ୍ତ ପୁରସ୍କାର ଗ୍ରହଣ କରିଛନ୍ତି ।

# ରାଷ୍ଟ୍ରପତିଙ୍କୁ ଭେଟିଲେ ପୂର୍ବତନ ଏମପି ବଳଭଦ୍ର

ନବରଙ୍ଗପୁର,୨୧।୧୨(ବି.ପ୍ର.)- ନବରଙ୍ଗପୁରର ପୂର୍ବତନ ଏମପି ବଳଭଦ୍ର ମାଝୀଙ୍କ ସମେତ ଦେଶର ୧୦ ଜଣ ପୂର୍ବତନ ଏମପି ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ଭେଟିଛନ୍ତି । ଦେଶର ବିଭିନ୍ନ ସମସ୍ୟା ତଥା କେନ୍ଦ୍ର ସରକାରଙ୍କର ବିକାଶ ମୂଖୀ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ । ରାଷ୍ଟ୍ରପତି କୋବିନ୍ଦ ପୂର୍ବତନ ଏମପି ମାନଙ୍କର ଜ୍ଞାନ ଓ ଅଭିଜ୍ଞତା ଦେଶର ବିକାଶରେ ଉପଯୋଗୀ ହୋଇ ପାରିବ ବୋଲି ଗୁରୁତ୍ୱ ଦେଇଥିଲେ । ପୂର୍ବତନ ଏମପିଙ୍କ ମଧ୍ୟରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ହୁକୁମ ନାରାୟଣ ସିଂ ଯାଦବ, ଛତ୍ରପାଲ ସିଂ, ସମପାଲ ଶାସ୍ତ୍ରୀ, ପ୍ରଦୀପ ଗାନ୍ଧୀ, ହରପାଲ ପାୱାର, କୁଆର ଅଖିଳେଶ ସିଂ, ହରିକେଶ ବାହଦୂର, ସୁନୀଲ ଶାସ୍ତ୍ରୀ, ଯଶବନ୍ତ ସିଂ ପ୍ରମୂଖ ଯୋଗ ଦେଇଥିଲେ ।


ରାଷ୍ଟ୍ରପତିଙ୍କ ସହ ପୂର୍ବତନ ଏମପି ବଳଭଦ୍ର ମାଝି ଓ ଅନ୍ୟମାନେ ।

■ ଖାଦ୍ୟ ନିରୂପଣ କମିଟି ବୈଠକ

# ଆଇସିୟୁରେ ଚିକିତ୍ସିତ ରୋଗୀଙ୍କୁ ତରଳ, ସୁଷମ ଖାଦ୍ୟ

ମାଲକାନଗିରି,୨୧।୧୨ (ଡି.ଏନ୍.ଏ.)

ମାଲକାନଗିରି ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଶନିବାର ଖାଦ୍ୟ ନିରୂପଣ କମିଟି ବୈଠକ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଅଜୟ କୁମାର ବୈଠାରୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମାଲକାନଗିରି ମୁଖ୍ୟ ଚିକିତ୍ସାଳୟରେ ରୋଗୀ ମାନେ କିପରି ଉନ୍ନତମାନର ଖାଦ୍ୟ ପାଇବେ ସେ ନେଇ ବୈଠକରେ ଆଲୋଚନା ହୋଇଥିଲା। ବିଶେଷ କରି ଆଇସିୟୁରେ ଚିକିତ୍ସିତ ରୋଗୀଙ୍କୁ ତରଳ, ସୁଷମ ଖାଦ୍ୟ ସହ ଫଳ ରସ ଦେବାକୁ ନିଷ୍ପତ୍ତି ହୋଇଥିଲା । ସାଧାରଣ ରୋଗୀଙ୍କ ପାଇଁ ସୋମବାର ଠାରୁ ଶନିବାର ପର୍ଯ୍ୟନ୍ତ ସକାଳ ଜଳଖିଆ ସମୟରେ ଡାଲି ଓ ସୁଜି ଉପମା, କିମ୍ବା ସେମିଆ ଉପମା, ମଧ୍ୟାହ୍ନ ଭୋଜନରେ ଭାତ, ଡାଲି ଓ ସୋୟା ତରକାରୀ କିମ୍ବା ଚଣା ତରକାରୀ ପ୍ରଦାନ କରାଯିବ । ସେହିପରି ରାତ୍ର ଭୋଜନରେ ସପ୍ତାହର ସାତ ଦିନ ଭାତ କିମ୍ବା ରୁଟି ସହ ଡାଲମା, ଯେଉଁ ରୋଗୀ ଆମିଷ ଖାଇବେ ତାଙ୍କୁ ସିଝା ଅଣ୍ଡା ଓ ନିରାମିଷ ରୋଗୀଙ୍କୁ ଗୋଟିଏ ଗ୍ଲାସ୍ କ୍ଷୀର ମିଳିବ। ରବିବାର ମଧ୍ୟାହ୍ନ ଭୋଜନରେ ଭାତ, ଡାଲି, ଆମିଷ ତରକାରୀ, ନିରାମିଷ ରୋଗୀଙ୍କ ପାଇଁ ସୋୟା ତରକାରୀ ମିଳିବ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଅନିଲ କୁମାର ମିଶ୍ର, ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀ ଏସ୍.ପି. ମହାପାତ୍ର, ଔଷଧ ବିଶେଷଜ୍ଞ ଡା.କେସି ମହାପାତ୍ର, ଶଲ୍ୟରୋଗ ବିଶେଷଜ୍ଞ ଡା. ଏସ୍.କେ. ଡିଣ୍ଡା, ଅବସରପ୍ରାପ୍ତ ଉପଜିଲାପାଳ ରଥିକୃଷ୍ଣ ପାତ୍ର, ମନୋନୀତ ସଦସ୍ୟ ଦୁର୍ଯ୍ୟୋଧନ ପାତ୍ର, ଜିଲା ପ୍ରକଳ୍ପ ପରିଚାଳକ ସୁଦିପ କେଶ୍, ଚିକିତ୍ସାଳୟ ପରିଚାଳକ ଶଶାଙ୍କ ଶେଖର ପଣ୍ଡିତ, ରୁକ୍ମଣୀ ନାୟକ, ସୁଜିତ ବିଶ୍ୱାସ ପ୍ରମୁଖ ଉପସ୍ଥିତ ଥିଲେ ।

### ଶିଶୁଗୃହର ଯୋଗ ଶିବିର ଉଦ୍‌ଯାପିତ



ମାଲକାନଗିରି, ୨୧।୧୨(ଡି.ଏନ.ଏ.) ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ଶିଶୁ ଗୃହରେ ଏକ ସପ୍ତାହବ୍ୟାପୀ ଚାଲିଥିବା ଯୋଗ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମାଲକାନଗିରି ପୂର୍ବତନ ବିଧାୟକ ତଥା ଉନ୍ନୟନ ବିକାଶ ପରିଷଦ ଅଧ୍ୟକ୍ଷ ମାନସ ମାଡକାମି, ପତଞ୍ଜଳି ସମିତିର ଡାକ୍ତର ଦେବବ୍ରତ ସାହୁ, ଆଇନଜୀବୀ ଲମ୍ବୋଦର ତୁରୁକ, ଯୁବନେତା ସନ୍ତୋଷ ନାଗ, ଯୋଗଗୁରୁ ସରୋଜ ପାଣିଗ୍ରାହୀ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଯୋଗ ଅଭ୍ୟାସ ଦ୍ୱାରା ଶରୀର କିପରି ସୁସ୍ଥ ରହେ ସେ ନେଇ ବୁଝାଇଥିଲେ। ଏହି ଅବସରରେ ଡାକ୍ତର ସାହୁ ପିଲାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ଦେଇଥିଲେ। ଶିଶୁ ଗୃହର ସୁପରିଣ୍ଟେଣ୍ଡେଣ୍ଟ ସୁନୀତା ସାହୁ ଉପସ୍ଥିତ ଥିଲେ।

### ଛାତ୍ରୀଛାତ୍ରଙ୍କୁ ରାଜ୍ୟ ବାହାରକୁ ବୁଲାଇବା ପାଇଁ ନେଲା ବିଏସ୍‌ଏଫ୍

ପାଣ୍ଡ୍ରିପାଣି,୨୧।୧୨- ଏମ୍‌ଭି-୩ସ୍ଥିତ ୧୬୦ ବିଏସ୍‌ଏଫ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପର୍ଯ୍ୟଟନ ସ୍ଥଳି ବୁଲାଇବା ଲାଗି ବ୍ୟବସ୍ଥା ହୋଇଛି। ପ୍ରଥମ ପର୍ଯ୍ୟାୟରେ ମାଲକାନଗିରି, କାଲିମେଳା, ମାଥିଲି, ଟେମୁରପାଲି, କିଆଙ୍ଗ, ବାଲିମେଳା, ମହୁପଦର ଅଞ୍ଚଳର ପ୍ରାୟ ୩୦ ଜଣ ଛାତ୍ରୀଛାତ୍ର ୨୦ରୁ ୨୨ ପର୍ଯ୍ୟନ୍ତ ରାଜସ୍ଥାନର ବିଭିନ୍ନ ପର୍ଯ୍ୟଟନସ୍ଥଳି ଭ୍ରମଣ ପାଇଁ ଯାଇଛନ୍ତି। ଛାତ୍ରୀଛାତ୍ରମାନେ ପରିବେଶ, ସ୍ଥାନୀୟ ଲୋକଙ୍କ ଚଳଣି ସମ୍ପର୍କରେ ଅନୁଧ୍ୟାନ କରି ଜ୍ଞାନାର୍ଜନ କରିବେ।

# ନିଯୁକ୍ତିମେଳାରେ ୫୪୦ କଲେ ପଞ୍ଜୀକରଣ

କାଲିମେଳା,୨୧।୧୨(ଡି.ଏନ.ଏ.)


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ଦୀନଦୟାଲ ଉପାଧ୍ୟାୟ ଗ୍ରାମିଣ କୌଶଲ୍ୟ ଯୋଜନାରେ ମାଲକାନଗିରି ଜିଲା କାଲିମେଳାରେ ବ୍ଲକସ୍ତରୀୟ ନିଯୁକ୍ତି ମେଳା ବ୍ଲକ କାର୍ଯ୍ୟାଳୟ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ମେଳାକୁ ବ୍ଲକ ଅଧ୍ୟକ୍ଷ ମାଲା ମାଢି ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ବିଡିଓ ଉମା ଶଙ୍କର ଦଳାଇ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ରୂପେ ଏପିଡି ହିମାଂଶୁ ମହାରଣା, ଦକ୍ଷତା ବିକାଶ କାର୍ଯ୍ୟାଳୟର ଜିଲା ଅଧିକାରୀ ଜିତେନ୍ଦ୍ର ପାତ୍ର, ଓଏଲଏମର ଦୀପକ ବାଇ, ବିବେକ ରାଉତ, ରୋଜାଲିନ ଦାସ, ବିଜୁ ଯୁବବାହିନିର ରିକ୍ରମ କୁମାର ସାହୁ, ରତନ ଗୋଲଦାର ପ୍ରମୁଖ ଉପସ୍ଥିତ ଥିଲେ। କାଲିମେଳା ବ୍ଲକର ୨୩ ପଞ୍ଚାୟତରୁ ମୋଟ ୫୪୦ ଜଣ ବେକାର ଯୁବତୀଯୁବକ ନାମ ପଞ୍ଜୀକରଣ କରିଥିଲେ । ସେଥିରୁ ୧୬୦ ଜଣ ବିଭିନ୍ନ ବିଭାଗରେ ତାଲିମ ନେବା ପାଇଁ ଇଚ୍ଛା ପ୍ରକାଶ କରିଥିବାରୁ ସେମାନଙ୍କୁ ଚୟନ କରାଯାଇଛି । ଏମାନେ ରାଜ୍ୟରେ ଥିବା ବିଭିନ୍ନ ତାଲିମକେନ୍ଦ୍ରରେ ତାଲିମ ନେବେ । ବାକି ଥିବା ଯୁବତୀ ଯୁବକଙ୍କୁ ପରବର୍ତ୍ତୀ ସମୟରେ ବଛାଯାଇ ତାଲିମ ପ୍ରଦାନ କରାଯିବ। ସରକାରଙ୍କ ତରଫରୁ ଓଡିଶାର ବିଭିନ୍ନ ଅଞ୍ଚଳର ଗରିବ ଓ ବେରୋଜଗାର ଯୁବତୀଯୁବକଙ୍କ ପାଇଁ ନିଶ୍ଚିତ କର୍ମନିଯୁକ୍ତିଭିତ୍ତିକ ମାଗଣା ତାଲିମ ପ୍ରଦାନ କରାଯାଉଛି । ସେମାନେ ତାଲିମ ପରେ ନିଯୁକ୍ତି ପାଇପାରିବେ । ମେଳାରେ ବ୍ଲକର ସମସ୍ତ ପଞ୍ଚାୟତର ପିଇଓ,ଜିଆରଏସ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ବିଶ୍ୱ ଗଣିତ ଦିବସ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ

ମାଲକାନଗିରି,୨୧।୧୨(ଡି.ଏନ.ଏ.)


ଗଣିତ ଦିବସ ଅବସରରେ ଜଣେ ଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି ।

■ ୩୦ ପ୍ରକଳ୍ପ ପ୍ରଦର୍ଶନ କଲେ ଛାତ୍ରୀଛାତ୍ର
■ ବରିଷ୍ଠ ବର୍ଗରେ ପ୍ରୀତି, କନିଷ୍ଠରେ ହିମାଂଶୁ ପ୍ରଥମ

ରବିବାର ବିଶ୍ୱ ଗଣିତ ଦିବସ ଉପଲକ୍ଷେ ଶନିବାର ମାଲକାନଗିରି ଜିଲାର ବିଭିନ୍ନ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡିକରେ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପଦ୍ମଗିରି ପଞ୍ଚାୟତ ଏମ୍.ଭି. ୮୩ ଗ୍ରାମ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ୩୦ଟି ଗଣିତ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଛାତ୍ରୀଛାତ୍ରମାନେ ଏହି ପ୍ରକଳ୍ପଗୁଡିକରେ କିପରି ସହଜରେ ଗଣିତ ଜ୍ଞାନ ଆହରଣ କରାଯାଇପାରିବ ଏବଂ ଏହାର ଚମତ୍କାରିତା ସମ୍ପର୍କରେ ପ୍ରକଳ୍ପ ମାଧ୍ୟମରେ ପ୍ରଦର୍ଶନ କରିଥିଲେ। ପ୍ରଧାନଶିକ୍ଷକ କବିନ୍ଦ୍ର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ହୋଇଥିବା ସଭାରେ ମୁଖ୍ୟଅତିଥି ଭାବେ ପଦ୍ମଗିରି ସିଆରସିସି ପ୍ରଫୁଲ୍ଲ କୁମାର ସ୍ୱାଇଁ, ସମ୍ମାନିତ ଅତିଥି ରୂପେ ବଇଲାପାରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଭୂତି ଭୂଷଣ ପାତ୍ର ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ବିଶ୍ୱ ଗଣିତ ଦିବସ ସମ୍ପର୍କରେ ବୁଝାଇଥିଲେ। ପ୍ରଦର୍ଶିତ ପ୍ରକଳ୍ପ ମଧ୍ୟରୁ ଅଷ୍ଟମ ଶ୍ରେଣୀର ପ୍ରୀତି ମଣ୍ଡଳ ବରିଷ୍ଠ ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। କନିଷ୍ଠ ବର୍ଗରେ ୫ମ ଶ୍ରେଣୀ ଛାତ୍ର ହିମାଂଶୁ ସରକାର ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେହିପରି ବିଦ୍ୟାଳୟର ସବୁ ଶ୍ରେଣୀରେ ଗଣିତରେ ସର୍ବୋଚ୍ଚ ନମ୍ବର ରଖି ଆସୁଥିବା ଛାତ୍ରୀଛତ୍ରଙ୍କୁ ତାରକା ଉପାଧିରେ ଭୂଷିତ କରାଯାଇଥିଲା। ପ୍ରକଳ୍ପଗୁଡିକ ଦେଖିବା ପାଇଁ ବିଦ୍ୟାଳୟରେ ଭିଡ ଜମିଥିଲା।

# ଖଇରପୁଟ ବିଡିଓ ଦାୟିତ୍ୱରେ ରହିଲେ ମାଥିଲି ବିଡିଓ

ଖଇରପୁଟ, ୨୧।୧୨(ଡି.ଏନ.ଏ.)

ଜନପ୍ରତିନିଧି ଓ ଲୋକଙ୍କ ଦାବି ଆଗରେ ମୁଣ୍ଡ ନୁଆଁଇଛି ଜିଲା ପ୍ରଶାସନ। ଶନିବାର ଖଇରପୁଟ ବିଡିଓ ଭାବରେ ଅତିରିକ୍ତ ଦାୟିତ୍ୱ ନେଇଛନ୍ତି ମାଥିଲି ବିଡିଓ ଆଶିଷ କୁମାର ଭୋଇ। ଖଇରପୁଟ ବିଡିଓ ବିଶ୍ୱଜିତ ବର୍ମନ ଛୁଟିରେ ଚାଲିଯାଇଛନ୍ତି। ତାଙ୍କୁ ବିଡିଓ ଭୋଇ ଦାୟିତ୍ୱ ଗ୍ରହଣ ପରେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଛନ୍ତି ଲୋକ ପ୍ରତିନିଧିମାନେ। ସୂଚନାଯୋଗ୍ୟ ଯେ, ଖଇରପୁଟ ବିଡିଓ ବିଶ୍ୱଜିତ ବର୍ମନଙ୍କୁ ବଦଳି ଦାବି କରି ଦୁଇଦିନ ଧରି ଲୋକପ୍ରତିନିଧି ଓ ଜନସାଧାରଣ ବ୍ଲକ ଅଫିସରେ ତାଲା ପକାଇ ଆନ୍ଦୋଳନ ଚଳାଇଥିଲେ। ଏନେଇ ବ୍ୟବସାୟୀମାନେ ମଧ୍ୟ ଦୋକାନ ବଜାର ବନ୍ଦ କରି ସମର୍ଥନ ଜଣାଇଥିଲେ। ଗତ ୧୮ରେ ଆନ୍ଦୋଳନସ୍ଥଳକୁ ନବରଙ୍ଗପୁର ଏମପି ରମେଶ ମାଝି ଓ ସ୍ୱତନ୍ତ୍ର ଆଦିବାସୀ ବିକାଶ ପରିଷଦ ଅଧ୍ୟକ୍ଷ ମାନସ ମାଡକାମୀ ଆସି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ୧୫ଦିନ ମଧ୍ୟରେ ବିଡିଓଙ୍କ ବଦଳି ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା ।



କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି ।



ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେଉଛି ।

## ଉପଖଣ୍ଡସ୍ତରୀୟ ଚଇତି ଇଡିତାଲର ୨ୟ ସନ୍ଧ୍ୟା

# ଆଦିବାସୀ ଲୋକକଳା, ସଂସ୍କୃତିର ମହାମିଳନ



ମଞ୍ଚରେ ଅଭିନେତ୍ରୀ ଶିବାନୀ ଓ ଗୁନ୍‌ଗୁନ୍ ।

ଗୁଣପୁର,୨୧।୧୨(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ଉପଖଣ୍ଡସ୍ତରୀୟ ଚଇତି ଇଡିତାଲ ମହୋତ୍ସବର ଶନିବାର ଥିଲା ୨ୟ ସନ୍ଧ୍ୟା । ଏହି କାର୍ଯ୍ୟକ୍ରମରେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସେହିପରି ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପଦେଷ୍ଟା ସୁଧିର ଦାସ, ଜିଲା ପରିଷଦ ସଭାପତି ପୁରୁଷୋତ୍ତମ ଗମାଙ୍ଗ, ବ୍ଲକ ଅଧ୍ୟକ୍ଷା ଦେବକୀ ଗମାଙ୍ଗ ପ୍ରମୁଖ ମଞ୍ଚାସୀନ ଥିଲେ । ଆଦିବାସୀ ଲୋକକଳା ସଂସ୍କୃତିର ମହାମିଳନ ଏହି ଉତ୍ସବ ପାଲଟିଥିବା ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ଗୁଣପୁର ଉପଜିଲାପାଳ ତଥା ଚଇତି ପାଳନ କମିଟି ଅଧ୍ୟକ୍ଷ ଡ.ସିଦ୍ଧେଶ୍ୱର ବଳିରାମ ବନ୍ଦର ସଭାପତିତ୍ୱ କରିଥିଲେ । ଶେଷରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ପୂର୍ବାହ୍ନରେ ଚଇତି ମଣ୍ଡପଠାରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଓଲିଉଡ୍ ଅଭିନେତ୍ରୀ ଶିବାନୀ,ତମ୍ମନା ଓ ଅଭିନେତା ସମ୍ମିତ ୨ୟ ସନ୍ଧ୍ୟାରେ ମୁଖ୍ୟ ଆକର୍ଷଣ ସାଜିଥିଲେ । ରବିବାର ସକାଳେ ବରିଷ୍ଠ ନାଗରିକମାନଙ୍କ ମଧ୍ୟରେ ପାଦଚଲା ଓ ଆଦିବାସୀ ଚିତ୍ରକଳା ଚିତ୍ରାଙ୍କନ କାର୍ଯ୍ୟକ୍ରମ ଆୟୋଜିତ ହେବ ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

## ସଂକ୍ଷେପରେ



### ଅନ୍ୱେଷା ହଷ୍ଟେଲରେ ଅଗ୍ନିକାଣ୍ଡ

**ରାୟଗଡ଼ା ଅଫିସ,୨୧।୧୨:** ରାୟଗଡ଼ା ସହର ସାଇପ୍ରିୟା ନଗରରେ ଥିବା ଅନ୍ୱେଷା ହଷ୍ଟେଲରେ ଅଗ୍ନିକାଣ୍ଡ ହେବାରୁ ୫୦ ହଜାର ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି । ଏଥିରେ କେହି ମୃତାହତ ହୋଇନାହାନ୍ତି । ଖବରପାଇ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା । ଶର୍ଟ ସର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ହୋଇଥିବା ଜଣାଯାଇଛି । ହଷ୍ଟେଲର ଏକ ଷ୍ଟୋର ରୁମରେ ଏହି ନିଆଁ ଲାଗିଥିଲା । ଷ୍ଟୋର ରୁମ୍‌ରେ ଥିବା ପିଲାଙ୍କର ଖଟ, ଗଦି , ପୁରୁଣା ପେଡ଼ି , କାଗଜପତ୍ର ଆଦି ନଷ୍ଟ ହୋଇଯାଇଛି ।

### ପିକ୍‌ଅପ୍ ଭ୍ୟାନ୍‌ରୁ ଚୋରି

**ଟିକିରି,୨୧।୧୨(ଡ଼ି.ଏନ.ଏ):** କାଶୀପୁର ବ୍ଲକ ଟିକିରି ଥାନା ଅନ୍ତର୍ଗତ ଓଷାପଡା ଗ୍ରାମର ରାଜେନ୍ଦ୍ର ରାମପ୍ରସାଦ ପାଢୀଙ୍କ ଘର ନିକଟରେ ଥିବା ମାଲବୋଝେଇ ପିକଅପ ଭ୍ୟାନରୁ ବିଭିନ୍ନ ସାମଗ୍ରୀ ଚୋରି ହୋଇଛି । ଏନେଇ ସେ ଥାନାରେ ଅଭିଯୋଗ କରିଛନ୍ତି । ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଗାଡ଼ିରେ ଥିବା ସାବୁନ, ତେଲ, ବାଇକ୍ ଟାୟାର, ଚକୋଲେଟ ଆଦି ୪୦ ହଜାର ଟଙ୍କାର ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ କରିଛନ୍ତି । ଗତ ଗୁରୁବାର ରାଜେନ୍ଦ୍ର ନିଜ ପିକ୍‌ଅପ୍ ଭ୍ୟାନରେ ରାୟଗଡାରୁ ୫ଲକ୍ଷ ଟଙ୍କାର ବିଭିନ୍ନ ପ୍ରକାର ଜିନିଷ ଆଣିଥିଲେ। ଟିକିରି ବଜାରର ୧୩ ବ୍ୟବସାୟୀଙ୍କ ଅର୍ଡର ଅନୁସାରେ ରାୟଗଡ଼ାରୁ ସେ ଜିନିଷ ଆଣିଥିଲେ। ସେମାନଙ୍କ ମଧ୍ୟରୁ ୪ ଜଣଙ୍କୁ ଜିନିଷ ଦେବା ପରେ ରାତି ହେବାରୁ ଉକ୍ତ ଜିନିଷ ବୋଝେଇ ଗାଡିକୁ ଘର ପାଖରେ ରଖିଥିଲେ। ଶୁକ୍ରବାର ସକାଳେ ଉଠି ଦେଖିଲାବେଳକୁ ଗାଡିରୁ ଜିନିଷ ଚୋରି

### ଗୁଣପୁରରେ ଭାଜପା ଜିଲା ସଭାପତିଙ୍କୁ ସ୍ୱାଗତ



**ଗୁଣପୁର,୨୧।୧୨(ଡ଼ି.ଏନ.ଏ):** ଭାଜପା ରାୟଗଡ଼ା ଜିଲା ସଭାପତି ଭାବେ ଶିବ ପଟ୍ଟନାୟକ ମନୋନୀତ ହେବା ପରେ ଶନିବାର ଗୁଣପୁର ଗସ୍ତ କରିଥିଲେ । ତାଙ୍କୁ ଗୁଣପୁରଠାରେ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି ଅବସରରେ ପ୍ରେମ ପ୍ରସାଦ ପଣ୍ଡା, ଶ୍ରୀନୁ ଭାଷ ସ୍ୱାଇଁ, ଜିଲା ପରିଷଦ ସଭ୍ୟା ପୁଷ୍ପାଞ୍ଜଳି ମୁଟିକା, ପ୍ରମୋଦ ସାହୁ, ଉଦୟ ପାଢୀ, ୱାଇ.ଗଣପତି ରାଓ, ସୁଜାତା ପଟ୍ଟନାୟକ, ଲକ୍ଷ୍ମୀ ଶ୍ରୀରାମ ପ୍ରମୁଖ ଉପସ୍ଥିତ ଥିଲେ ।

# ବିଜ୍ଞାନମେଳା, ହସ୍ତଶିଳ୍ପ ପ୍ରଦର୍ଶନୀ

ପଦ୍ମପୁର, ୨୧।୧୨ (ଡି.ଏନ୍.ଏ.)

ରାୟଗଡ଼ା ଜିଲା ପଦ୍ମପୁର ସହର ମଧ୍ୟରେ ଥିବା ଆଇଡିଏଲ୍ ପବ୍ଲିକ୍ ସ୍କୁଲରେ ବିଜ୍ଞାନମେଳା ଓ ହସ୍ତଶିଳ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବସନ୍ତ ଦେବୀ ବିଦ୍ୟାପୀଠ ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ବିଜ୍ଞାନ ଦ୍ୱାରା ମଣିଷ ଅସମ୍ଭବକୁ ସମ୍ଭବ କରିପାରୁଛି । ଯେଉଁ ଦେଶ ଯେତେ ବିଜ୍ଞାନରେ ଆଗୁଆ ସେ ଦେଶ ସେତେ ଉନ୍ନତ ବୋଲି ମତବ୍ୟକ୍ତ କରିଥିଲେ । ଏଥିରେ ୫୩ଟି ବିଜ୍ଞାନ ପ୍ରକଳ୍ପ ଓ ୪୫ଟି ହସ୍ତଶିଳ୍ପ ପ୍ରଦର୍ଶିତ ହୋଇଥିଲା । ଏଥିରେ ବିଚାରକ ଭାବେ ବୁଦ୍ଧରାଜ ହାଇସ୍କୁଲର ବିଜ୍ଞାନ ଶିକ୍ଷକ ନିରଞ୍ଜନ ସାହୁ, ବାଳିକା ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଛନ୍ଦାଚରଣ ପାଣିଗ୍ରାହୀ, ଖମାପଦର ହାଇସ୍କୁଲ ଶିକ୍ଷକ ପ୍ରଦୀପ କୁମାର ଦାଶ ଯୋଗ ଦେଇଥିଲେ । ଏଥିରେ ଗାଇଡ୍ ଶିକ୍ଷକ ଭାବେ ସ୍କୁଲର ପି. ଶିବାଜୀ, କାବେରୀ ପାଣିଗ୍ରାହୀ, ଗୀତାଞ୍ଜଳି ପାଣିଗ୍ରାହୀ, ତନୁଶ୍ରୀ ପ୍ରମୁଖ ସହଯୋଗ କରିଥିଲେ ।



ଅତିଥିମାନେ ପ୍ରକଳ୍ପ ବୁଲି ଦେଖୁଛନ୍ତି ।

# ପଠନ ଦକ୍ଷତା ବୃଦ୍ଧି ତାଲିମ କାର୍ଯ୍ୟକ୍ରମ

ମୁନିଗୁଡା, ୨୧।୧୨ (ଡି.ଏନ୍.ଏ.)

ରାୟଗଡ଼ା ଜିଲା ମୁନିଗୁଡା ବ୍ଲକ୍ ଅନ୍ତର୍ଗତ ନୋଡାଲ ଉଚ୍ଚ ଇଂରାଜୀ ବିଦ୍ୟାଳୟ ପରିସରରେ ଶନିବାର ୟୁନିସେଫ୍ ସହାୟତା ଏବଂ ଶିକ୍ଷା ସନ୍ଧାନ ଅନୁଷ୍ଠାନ ପରିଚାଳନାରେ ପ୍ରାଥମିକ ଶ୍ରେଣୀ ନିମନ୍ତେ ପଠନ ଦକ୍ଷତା ବୃଦ୍ଧି ସଂକ୍ରାନ୍ତୀୟ ସମୀକ୍ଷା ଓ ଶିକ୍ଷକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରକଳ୍ପ ନିର୍ଦ୍ଦେଶକ ଡ. ଚନ୍ଦନ କୁମାର ସିଂହଙ୍କ ସଂଯୋଜିତ ଏବଂ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଅକ୍ଷୟ କୁମାର ରଥଙ୍କ ମଞ୍ଚ ପରିଚାଳନାରେ ଏହା ଆୟୋଜିତ ହୋଇଥିଲା । ଏଥିରେ ମୁନିଗୁଡା, ବିଷମକଟକ, ଚନ୍ଦ୍ରପୁର ବ୍ଲକରୁ ଶିକ୍ଷୟିତ୍ରୀ ଶିକ୍ଷକ, ସିଆରସିସି ଏବଂ ଅନୁଷ୍ଠାନର କ୍ଷେତ୍ର କର୍ମୀମାନେ ଯୋଗ ଦେଇଥିଲେ । ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା ମୁଖ୍ୟ ଅତିଥି, ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ଜୟଚନ୍ଦ୍ର ପାଠୀ, ପୂର୍ଣ୍ଣଚନ୍ଦ୍ର ବେହେରା, ଗବେଷକ ଶ୍ରୀରଙ୍ଗ ନାୟକ, ସାମାଜିକ କର୍ମୀ ଗୌରାଙ୍ଗ ଚରଣ ରାଉତ, ପ୍ରଧାନ ଶିକ୍ଷକ କରୁଣାକର ସାମଲ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ଅକ୍ଷର ଚିହ୍ନିବା, ଶବ୍ଦ ଉଚ୍ଚାରଣ, ଛୋଟ ଏବଂ ବଡ ବାକ୍ୟ ଗଠନ ସହ ପଠନ ଦକ୍ଷତା ବୃଦ୍ଧି ଦିଗରେ ଆଲୋକପାତ କରିଥିଲେ । ବୃତ୍ତଚିତ୍ର ମାଧ୍ୟମରେ କାର୍ଯ୍ୟକ୍ରମର ରୂପରେଖ ପ୍ରଦର୍ଶିତ ହୋଇଥିଲା । ଏହି ଅବସରରେ ଉଲ୍ଲେଖନୀୟ ସହଯୋଗ ପାଇଁ ଅତିଥି, କ୍ଷେତ୍ରକର୍ମୀ ଏବଂ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଫଳକ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଜିଲା ସଂଯୋଜକ ଅନନ୍ତ ସାମନ୍ତ ପ୍ରାକ୍ ସୂଚନା ଦେଇଥିଲେ ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

## ଟୋକନ ବ୍ୟବସ୍ଥାକୁ ବିରୋଧ

# ଜିଲାପାଳଙ୍କୁ ଭେଟିଲେ ଚାଷୀ

ବିଷମକଟକ,୨୧।୧୨

ଟୋକନ ବ୍ୟବସ୍ଥାକୁ ବିରୋଧ କରି ରାୟଗଡା ଜିଲା ବିଷମକଟକ ବ୍ଲକ ହାଟମୁନିଗୁଡା ପଞ୍ଚାୟତର ଚାଷୀମାନେ ଶନିବାର ରାୟଗଡା ଜିଲାପାଳ ପ୍ରମୋଦ କୁମାର ବେହେରାଙ୍କୁ ଭେଟିଛନ୍ତି । ପଞ୍ଜୀକୃତହୋଇ ନ ଥିବା ଚାଷୀଙ୍କୁ ତୁରନ୍ତ ପଞ୍ଜୀକରଣ କରିବା ନିମନ୍ତେ ଦାବି କରିଛନ୍ତି । ଖରିଫ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିବା ନିମନ୍ତେ ଆବଶ୍ୟକ କାଗଜପତ୍ର ଲ୍ୟାମ୍ପରେ ଦାଖଲ କରିଥିଲେ । ତଥାପି ସେମାନଙ୍କ ନାମ ପଞ୍ଜୀକରଣରୁ ବାଦ୍ ପଡିଛି । ନିଜର କଷ୍ଟ ଉପାର୍ଜିତ ଧାନକୁ ମଣ୍ଡିରେ ବିକ୍ରି କରିପାରୁନାହାନ୍ତି । ଅମଳ ଧାନକୁ ରଖିବା ଲାଗି ସୁରକ୍ଷିତ ସ୍ଥାନ ଅଭାବରୁ ଚାଷୀ ଖଳାରେ ରଖି ଜଗି ରହିଛନ୍ତି । ପଞ୍ଜୀକୃତ କେବେ ହେବ ଆଉ ମଣ୍ଡିରେ ଧାନ ବିକ୍ରି କରିବେ ସେନେଇ ଜଗି ରହିଛନ୍ତି ବୋଲି ଜିଲାପାଳଙ୍କୁ ଜଣାଇଛନ୍ତି । ସମସ୍ୟା ସମାଧାନ ନିମନ୍ତେ ୭ ଦିନ ସମୟ ମାଗିବା ସହ ସମସ୍ତ ଚାଷୀଙ୍କ ଧାନର ଉଚିତ ମୂଲ୍ୟ ପ୍ରଦାନ କରିବା ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେବେ ବୋଲି ଜିଲାପାଳ ଚାଷୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ହାଟମୁନିଗୁଡାର ବରିଷ୍ଠ ଚାଷୀ ଜନାର୍ଦ୍ଦନ ଲାବଲା, ସମିତି ସଭ୍ୟ ରମେଶ ପାକି, କାନୁ ବାତ୍ରା, ମୃତ୍ୟୁଞ୍ଜୟ ପନଡା, ଚୈତନ୍ୟ ସୁନା, ଉମା ସୁନା, କାଳିଆ ମୁଣ୍ଡା, ଆର୍ଥିକ ସାହୁ, ବଳଭଦ୍ର ରଣା ପ୍ରମୁଖ ଜିଲାପାଳଙ୍କୁ ଭେଟି ଏହି ଅଭିଯୋଗ କରିଥିଲେ ।

## ୧୧୩ ଏକର ଗଞ୍ଜେଇ ଚାଷ ନଷ୍ଟ

ନନ୍ଦପୁର,୨୧।୧୨(ଡି.ଏନ୍.ଏ.)

କୋରାପୁଟ ଜିଲା ପାଡୁଆ ପୋଲିସ ଏବଂ ଅବକାରୀ ବିଭାଗ ମିଳିତ ଭାବେ ବାଡଲେ, ଲୁଲୁବୁର, ଗୋଡ଼ିପଟ ଗାଁରେ ହୋଇ ଥିବା ଗଞ୍ଜେଇ ଚାଷକୁ କାଟି ପୋଡ଼ିଛି । ଏହି ତିନି ଗାଁର ପ୍ରାୟ ୧୧୩ ଏକର ଜମିରେ ହୋଇଥିବା ୧୩,୫୬,୦୦୦ ଟଙ୍କାର ଗଞ୍ଜେଇ ନଷ୍ଟ କରିଥିବା ପାଡୁଆ ଥାନା ଅଧିକାରୀ ଗୁରୁଦେବ କର୍ମୀ ସୂଚନା ଦେଇଛନ୍ତି । ଥାନା ଅଧିକାରୀଙ୍କ ସୂଚନା ଏବଂ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା ।

## ଗାଁକୁ ନାହିଁ ରାସ୍ତା

# ୩ କି.ମି. ଚାଲିଲେ, ନଦୀ ପାର ହେଲେ ଗର୍ଭବତୀ



ସ୍ୱାମୀ ଓ ଝିଅଙ୍କ ସହ ଗର୍ଭବତୀ ନଦୀ ପାର ହେଉଛନ୍ତି ।

ରାୟଗଡ଼ା ଅଫିସ,୨୧।୧୨

ରାୟଗଡ଼ା ଜିଲାରେ ଦେଖିବାକୁ ମିଳିଛି ଜନନୀ ଯନ୍ତ୍ରଣା । ଗ୍ରାମରେ ରାସ୍ତା ନ ଥିବାରୁ ଜଣେ ଗର୍ଭବତୀ ୩ କିମି ଚାଲିବା ସହ ଝଞ୍ଜାବତୀ ନଦୀ ପାର ହୋଇ ଡ଼ାକ୍ତରଖାନା ଯାଇଛନ୍ତି । ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ରାୟଗଡ଼ା ସହରରୁ ମାତ୍ର ୫ କିଲୋମିଟର ଦୂର ତାଡ଼ମା ପଞ୍ଚାୟତ ସିରିପାଇ ଗ୍ରାମରେ ।

ଏହି ଗ୍ରାମର କମଲେଶ ହୁଇକାଙ୍କ ସ୍ତ୍ରୀ ସୁନା ହୁଇକା (୩୨)ଙ୍କ ଶନିବାର ଗର୍ଭ ଯନ୍ତ୍ରଣା ଆରମ୍ଭ ହୋଇଥିଲା । ଧୀରେ ଧୀରେ ଏହି ଯନ୍ତ୍ରଣା ଅସହ୍ୟ ହେବାରୁ ପରିବାର ଲୋକେ ସଙ୍ଗେ ସଙ୍ଗେ ସ୍ଥାନୀୟ ଆଶାକର୍ମୀଙ୍କୁ ଜଣାଇଥିଲେ । ପରେ ଗ୍ରାମବାସୀ ସୁନାଙ୍କୁ ବୋହି ବୋହି ୩ କିମି ପାଦଚଲା ରାସ୍ତାରେ ଆଣିବା ପରେ ଝଞ୍ଜାବତୀ ନଦୀ ପାର କରିଥିଲେ । ନଦୀ ଆରପଟେ ଅଙ୍ଗନୱାଡ଼ି ଓ ଆଶାକର୍ମୀ ଅପେକ୍ଷା କରି ରହିଥିଲେ । ପରେ ସୁନାଙ୍କୁ ଏକ ଅଟୋ ଭଡ଼ା କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ସେଠାରେ ସୁନା ହୁଇକା ଏକ କନ୍ୟା ସନ୍ତାନ ଜନ୍ମ ଦେଇଛନ୍ତି । ଉଭୟେ ମାଆ ଓ ଛୁଆ ସୁସ୍ଥ ଥିବା ଜଣାଯାଇଛି ।

## ୨୮ରୁ ଦୈନିକ ଚାଲିବ ରାଜ୍ୟରାଣୀ

ଗୁଣପୁର,୨୧।୧୨(ଡି.ଏନ.ଏ)

ଏଣିକି ସପ୍ତାହରେ ୭ଦିନ ଚାଲିବ ରାଉରକେଲା – ଗୁଣପୁର – ରାଉରକେଲା ରାଜ୍ୟରାଣୀ ଏକ୍ସପ୍ରେ । ଏହି ଟ୍ରେନ ସପ୍ତାହରେ ୬ ଦିନ ଚଳାଚଳ କରୁଥିଲା । ରବିବାର ବନ୍ଦ ରହୁଥିଲା । ଆସନ୍ତା ୨୮ ତାରିଖରୁ ଏହା ଦୈନିକ ଚଳାଚଳ କରିବ । ଶନିବାର ଏହିଟ୍ରେନ ପୂର୍ବଦିନ ଭଳି ରାତି ୯ଟା ୨୦ରେ ରାଉରକେଲାରୁ ଛାଡି ରବିବାର ୧.୩୦ରେ ଗୁଣପୁରଠାରେ ପହଞ୍ଚିବ । ୨୯ ତାରିଖ ଅର୍ଥାତ ରବିବାର ଅପରାହ୍ନ ୩.୧୫ରେ ଗୁଣପୁରରୁ ବାହାରି ରାଉରକେଲା ଅଭିମୁଖେ ଯାତ୍ରା କରିବ । ଦକ୍ଷିଣ–ପୂର୍ବ ତଟ ରେଳପଥ ପକ୍ଷରୁ ଏହି ସୂଚନା ଦିଆଯାଇଛି । ୨୮ ରୁ ଏହି ଟ୍ରେନ ଚଳାଚଳ କରିବା ନେଇ ସୂଚନା ମିଳିବା ପରେ ଗୁଣପୁର ଏବଂ ଏହାର ଆଖପାଖ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି ।

## ଅନୁସୂଚିତ ଜାତି, ଜନଜାତି କଲ୍ୟାଣ ମନ୍ତ୍ରୀଙ୍କ ଇଚ୍ଛାପୁର ଗସ୍ତ

# ବିଭିନ୍ନ ସମସ୍ୟା ନେଇ କଲେ ଆଲୋଚନା

ଅମ୍ବାଦଳା, ୨୧।୧୨ (ଡି.ଏନ୍.ଏ.)

ଅନୁସୂଚିତ ଜାତି ଏବଂ ଜନଜାତି କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ମୁନିଗୁଡା ପଞ୍ଚାୟତ ସମିତି ଅନ୍ତର୍ଗତ ଇଚ୍ଛାପୁର ପଞ୍ଚାୟତ ଗସ୍ତ କରିଛନ୍ତି । ଏହି ଅବସରରେ କାଞ୍ଚନଭଟାରେ ଏକ ସାଧାରଣ ସଭା ଓ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏଥିରେ ମନ୍ତ୍ରୀ ସାରକା, ପୂର୍ବତନ ଆଦିବାସୀ ଉନ୍ନୟନ ପରିଷଦ ଅଧ୍ୟକ୍ଷ ଜଗନ୍ନାଥ ନୁଣ୍ଡ଼ୁକା, ଯୁବ ନେତା ଧୀରେନ୍ଦ୍ର ପାଣିଗ୍ରାହୀ, ବରିଷ୍ଠ ବିଜେଡି ନେତା ବୃନ୍ଦାବନ ପାଢ଼ୀ ଯୋଗଦେଇ ଇଚ୍ଛାପୁର ପଞ୍ଚାୟତର ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ । ଇଛାପୁର ପଞ୍ଚାୟତରେ ୧୦୦ ଶଯ୍ୟା ବିଶିଷ୍ଟ ଉଚ୍ଚ ବିଦ୍ୟାଳୟ କରିବା ଓ ବେଲମରା ଡ୍ୟାମ ନିର୍ମାଣ ହେଲେ ଇଚ୍ଛାପୁର ପଞ୍ଚାୟତର ପ୍ରାୟ ୫୦୦ ଏକର ଜମି ଜଳସେଚିତ ହୋଇପାରିବ ବୋଲି କହିଥିଲେ । ମନ୍ତ୍ରୀ କାଞ୍ଚନଭଟା ସମେତ ଭାନପୁର, ବରଗୁଡା, ଇଚ୍ଛାପୁର ଗ୍ରାମବାସୀଙ୍କ ବିଭିନ୍ନ ସମସ୍ୟା ପଚାରି ବୁଝିଥିଲେ । ବରଗୁଡାରେ ଏକ ନୂତନ ପଞ୍ଚାୟତ ଗଠନ ପାଇଁ ଗ୍ରାମବାସୀ ଦାବି କରିଥିଲେ । ଏହି କାର୍ଯ୍ୟକ୍ରମକୁ ବୃନ୍ଦାବନ ମହାନ୍ତି, ପଦ୍ମନ ଗୌଡ, ପୂର୍ଣ୍ଣ ଗୌଡ, ନରେନ୍ଦ୍ର ଗୌଡ, ଗଣପତି ଦୋରା, ଶୁକଦେବ ଦୋରା, ହେମ ବଟା, ବାସମତି ଗୌଡ, ଗୁରୁଦେବ ଛାତି, ଚଞ୍ଚଳ ଝଣ୍ଡା, ପୀତବାସ ନାୟକ ପ୍ରମୁଖ ଯୋଗ ଦେଇଥିଲେ । ସେହିପରି ମନ୍ତ୍ରୀ ଶିବପଦର ପଞ୍ଚାୟତର ବଡ ମଞ୍ଜୁର କୁପା ଗ୍ରାମରେ ପହଞ୍ଚି ଗ୍ରାମବାସୀଙ୍କ ସହ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ । ସ୍ଥାନୀୟ ରାଧାକୃଷ୍ଣ ମନ୍ଦିର ପାଚେରି ନିର୍ମାଣ ନେଇ କମିଟି ମୁଖ୍ୟ ଆସାରି ବୁରୁସା ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ ।

ଧରିତ୍ରୀର
୪୬ତମ
ଜନ୍ମ ଦିବସ
ଉପଲକ୍ଷେ ଦଶମନ୍ତପୁର
ବ୍ଲକ ଅଞ୍ଚଳର ସମସ୍ତ
ଜନସାଧାରଣଙ୍କୁ ହାର୍ଦ୍ଦିକ
ଅଭିନନ୍ଦନ ଓ ଶୁଭେଚ୍ଛା ।



ଶ୍ରୀ ନାରାୟଣ ବିଷୋଇ (ପଣ୍ଡିତ)
ବ୍ଲକ୍ ଉପାଧ୍ୟକ୍ଷ ତଥା ଜିଲ୍ଲା ଉପସଭାପତି
ଦଶମନ୍ତପୁର ବ୍ଲକ, କୋରାପୁଟ

## ସଂକ୍ଷେପରେ

### ଜିଲାସ୍ତରୀୟ ନିଯୁକ୍ତି ମେଳା : ୪୭ ଯୁବତୀ ଯୁବକ ନିଯୁକ୍ତ

**ନବରଙ୍ଗପୁର,୨୧।୧୨(ବି.ପ୍ର.)-** ସ୍ଥାନୀୟ ରାଜା ଚୈତନ୍ୟଦେବ ନୋଡାଲ ହାଇସ୍କୁଲ ପଡିଆ ଠାରେ ଜିଲା ପ୍ରଶାସନ ପକ୍ଷରୁ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇ ଯାଇଛି । ଜିଲାପାଳ ଅଜିତ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିବିର ଶୁଭାରମ୍ଭ କରିଥିଲେ । ଏହି ଜିଲାର ଯୁବତୀ ଯୁବକ କିଭଳି ନିଯୁକ୍ତି ପାଇ ପାରିବେ ସେ ନେଇ ଏହିଶିବିର ଆୟୋଜିତ ହୋଇଛି । ନୋଡାଲ ଅଧିକାରୀ ଏସ.ଭି.ଏନ. ରାଓ, ଜିଲା ନିୟଜନ ଅଧିକାରୀ କାହ୍ନୁଚରଣ ବେହେରା, ଜିଲା ଶ୍ରମ ଅଧିକାରୀ ଏନ.କେ. ଗଇପଇ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଅତିରିକ୍ତ ନିୟୋଜନ ଅଧିକାରୀ ରାମଚନ୍ଦ୍ର କିଶାନ, ମୁଖ୍ୟ କିରାଣୀ ବିଜୟ କୁମାର ମହାନ୍ତି ଓ ବରିଷ୍ଠ କିରାଣୀ ମାନଓ ରଂଜନ ସିଆଲ ଯୋଗ ଦେଇଥିଲେ । ଶିବିରରେ ୫୮୮ ଜଣ ଯୁବତୀ ଯୁବକ ଯୋଗ ଦେଇଥିଲେ । ସେଥିମଧ୍ରୁ ସିଧାସଳଖ ୪୭ ଜଣ ନିଯୁକ୍ତି ପାଇଁ ଚୟନ ହୋଇଥିବା ବେଳେ ୧୫୭ ଜଣ ତାଲିମ ପରେ ନିଯୁକ୍ତି ପାଇବେ । ୧୦ ନିଯୁକ୍ତି ଦାତା ଓ ୧୮ଟି ପି.ଆଇ.ଏ ମେଳାରେ ଯୋଗ ଦେଇ ଏହି ଚୟନ କରିଛନ୍ତି।

### ଦୁର୍ଘଟଣାରେ ଯୁବକ ଗୁରୁତର

**ପାରଳାଖେମୁଣ୍ଡି,୨୧।୧୨/(ସ୍ୱ.ପ୍ର) -** ଗଜପତି ଜିଲା ଆର. ଉଦୟଗିରି ବ୍ଲକ ରାମଗିରି ପଞ୍ଚାୟତ ନିକଟସ୍ଥ କଡମାସିଂ ରାସ୍ତାରେ ଏକ ସଡକ ଦୁର୍ଘଟଣା ଘଟିଛି । ଏଥିରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଏଠାରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି । ରାମଗିରି ଗ୍ରାମର ଗୌଡସାହିର ଉଜ୍ୱଳ ଚୌଧୁରୀଙ୍କ ପୁଅ ଦୈତାରୀ ଚୌଧୁରୀ ସକାଳ ୭ଟାରେ ଗାଧୋଇବା ପାଇଁ ନିଜ ବାଇକ୍ ଯୋଗେ ନିକଟସ୍ଥ କଡମାସିଂ ଶଙ୍ଖ ନିକଟକୁ ଯାଉଥିଲେ। ପ୍ରବଳ କୁହୁଡି ଯୋଗୁ ତାଙ୍କୁ ରାସ୍ତା ଠିକ ରୂପେ ଦେଖାଯାଇ ନ ଥିଲା। ଫଳରେ ସେ ଆଗରେ ଯାଉଥିବା ଏକ ଅଟୋ ପଛପଟେ ଧକ୍କା ଦେଇ ଭାରସାମ୍ୟ ହରାଇ ଛିଟିକି ପଡିଥିଲେ। କେତେକ ବ୍ୟକ୍ତି ତାଙ୍କୁ ଦେଖି ତୁରନ୍ତ ରାମଗିରି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ଦୈତାରିଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିଲା।

### ଗଜପତିର ଖେଳାଳି ଜାତୀୟସ୍ତର ପାଇଁ ମନୋନୀତ



**ପାରଳାଖେମୁଣ୍ଡି,୨୧।୧୨ (ସ୍ୱ.ପ୍ର.)** - ଗଜପତି ଜିଲା କାଶୀନଗର ବ୍ଲକ କଇଠପଦର ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟର ଛାତ୍ର ମୋଜେସ ବଡରଇତ ରାଜ୍ୟସ୍ତରୀୟ ହ୍ୟାଣ୍ଡବଲ୍ ପ୍ରତିଯୋଗିତାରୁ ଜାତୀୟ ସ୍ତରର ପ୍ରତିଯୋଗିତାକୁ ମନୋନୀତ ହୋଇଛନ୍ତି। ପୂର୍ବରୁ ଏହି ପ୍ରତିଯୋଗିତା ଯାଜପୁର ଜିଲା ଛତିଆଠାରେ ହୋଇଥିଲା। ସେଠାରେ ମୋଜେସ୍ ଭଲ ପ୍ରଦର୍ଶନ କରି ଜାତୀୟ ସ୍ତରକୁ ମନୋନୀତ ହୋଇଛନ୍ତି । ଜାତୀୟସ୍ତର ପ୍ରତିଯୋଗିତାରେ ଭାଗ ନେବାପାଇଁ ସେ ଶନିବାର ହରିଆନା ରାଜ୍ୟର ରୋହତକ ସହରକୁ ଗସ୍ତ କରିଛନ୍ତି । ସେଠାରେ ଆସନ୍ତା ୨୬ରୁ ୩୦ ପର୍ଯ୍ୟନ୍ତ ଜାତୀୟ ବଦ୍ୟାଳୟସ୍ତରୀୟ ହ୍ୟାଣ୍ଡବଲ୍ ପ୍ରତିଯୋକିତା ହେବ । ସେ ଯାତ୍ରା କରିବା ସମୟରେ କ୍ରୀଡା ଶିକ୍ଷକ ପ୍ରମୋଦ କୁମାର ପଟ୍ଟନାୟକ, ସୁରେନ୍ଦ୍ର କୁମାର ପାତ୍ର ଉପସ୍ଥିତ ରହି ତାଙ୍କୁ ଉତ୍ସାହିତ କରିଥିଲେ ।

### ସୁନେତ୍ର କାର୍ଯ୍ୟକ୍ରମ

**ପଡ଼ିଆ, ୨୧।୧୨ (ଡି.ଏନ୍.ଏ.)-** ମାଲକାନଗିରି ଜିଲା ପଡ଼ିଆ ବ୍ଲକ୍‌ସ୍ଥିତ ଆଞ୍ଚଳିକ ମହାବିଦ୍ୟାଳୟଠାରେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୁନେତ୍ର ଯୋଜନାରେ ଏକ ଚକ୍ଷୁ ପରୀକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବ୍ଲକ୍‌ର ସମସ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଏମାନଙ୍କ ମଧ୍ୟରୁ ୩୫ ଜଣ ଛାତ୍ରୀଛାତ୍ରଙ୍କୁ ଚଷମା ପ୍ରଦାନ କରାଯିବ । ଏଥିରେ ଡା. ଜଗନ୍ନାଥ ସାହୁ, ଡା. ଶ୍ରୀନିବାସ ଚିନ୍ନାରା, ସୁପରଭାଇଜର ଚନ୍ଦ୍ରଶେଖର ସ୍ୱାଇଁ, ସି.ବି. ନାୟକ, ଭି.କେ. ରାଓ, ବ୍ଲକ ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣ୍ଡେ ଉପସ୍ଥିତ ଥିଲେ।

■ ନାବାଳିକାଙ୍କୁ ଗଣବଳାତ୍କାର ଓ ହତ୍ୟା ଘଟଣା

# ରାଜ୍ୟ ସରକାରଙ୍କୁ ବର୍ଷିଲା କଂଗ୍ରେସ

■ ୨୬ରେ ନବରଙ୍ଗପୁର ବନ୍ଦ
■ ନ୍ୟାୟ ନମିଳିବା ଯାଏ ଆନ୍ଦୋଳନ ଜାରି ରହିବ
■ କୁନ୍ଦୁଲି ଗଣବଳାତ୍କାର ରିପୋର୍ଟ ପରିବର୍ତ୍ତନ କରାଗଲା, ଏଠାରେ ତାହା କରାଇ ଦିଆଯିବ ନାହିଁ

**ନବରଙ୍ଗପୁର,୨୧।୧୨(ବି.ପ୍ର.)**



ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତାମାନେ ।

ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକର ବାମୁଣି ପଞ୍ଚାୟତ ଅଧୀନ ଏକ ଗାଁରେ ଜଣେ ନାବାଳିକାଙ୍କୁ ଗଣବଳତ୍କାର ଓ ହତ୍ୟା ଘଟଣାକୁ ୯ଦିନ ବିତିଲା । ପୋଲିସ ହାତରେ ଏ ପର୍ଯ୍ୟନ୍ତ ଅଭିଯୁକ୍ତ ଧରାପଡିଲେ ନାହିଁ । ଏହି ଘଟଣାକୁ କଂଗ୍ରେସ ଗୁରୁତ୍ୱର ସହ ନେଇ ସ୍ଥାନୀୟ କଂଗ୍ରେସ ଭବନ ଠାରେ ଆହୁତ ଖବରଦାତା ସମ୍ମିଳନୀରେ ପୋଲିସ ଓ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି । ନାବାଳିକାଙ୍କୁ ଗଣବଳାତ୍କାର ପରେ କଲବଲ କରି ହତ୍ୟା କରାଯାଇଛି । ଏବେ ମୃତ ନାବାଳିକାଙ୍କ ପରିବାର ଲୋକ କଲବଲ ହେଉଛନ୍ତି। ପରିବାରକୁ ପ୍ରଶାସନ ୧୦ ଲକ୍ଷ ଟଙ୍କା ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଲେ । ଅନ୍ତ୍ୟେଷ୍ଟିକ୍ରିୟା ପାଇଁ ୩୨ ହଜାରଟଙ୍କା ପରିବାର ଲୋକଙ୍କ ଦେଇଛନ୍ତି। ସହାୟତା ଯୋଗାଇ ଦେବାକୁ କହି ପ୍ରଶାସନ ଉକ୍ତ ପରିବାରକୁ ଠକୁ ନାହିଁତ ବୋଲି କାର୍ଯ୍ୟକାରୀ ଜିଲା ସଭାପତି ମୁନା ତ୍ରିପାଠୀ ପ୍ରଶ୍ନ କରିଛନ୍ତି। ରାଜ୍ୟ କାର୍ଯ୍ୟକାରୀ ସଭାପତି ତଥା ପୂର୍ବତନ ଏମପି ପ୍ରଦୀପ ମାଝୀ କହିଥିଲେ ଯେ, ନାରୀ ନିର୍ଯ୍ୟାତନା ଚରମ ସୀମାରେ ପହଞ୍ଚିଛି । ୨୦୧୨ରେ ନୂଆଦିଲ୍ଲୀ ଠାରେ ନିର୍ଭୟା ଘଟଣାକୁ କଂଗ୍ରେସ ସରକାର ଅତି ଗୁରୁତ୍ୱର ସହ ନେଇଥିଲେ। ଭାରତ ବର୍ଷରେ ଝିଅ, ମାଆ ଓ ଭଉଣୀଙ୍କ ସୁରକ୍ଷା ପାଇଁ ନିର୍ଭୟା ଫଣ୍ଡ ଗଠନ କରାଯାଇଥିଲା । ସେଥିପାଇଁ ସେ ସମୟରେ କଂଗ୍ରେସ ସରକାର ପ୍ରଥମେ ୨୨୬୪ କୋଟି ଓ ପରବର୍ତ୍ତି ସମୟରେ ୩ ହଜାର ୬ ଶହ କୋଟି ଟଙ୍କା ପ୍ରାବଧାନ ରଖା ଯାଇଥିଲା । ଓଡିଶାକୁ ୫ଶହ କୋଟି ମିଳିଛି ସେଥିମଧ୍ରୁ ମାତ୍ର ୬ ପ୍ରତିଶତ ଟଙ୍କା ଖର୍ଚ୍ଚ କରିଛନ୍ତି । ଓଡିଶାର ମାଆ, ଭଉଣୀ ଓ ଝିଅଙ୍କ ସୁରକ୍ଷା ନିମନ୍ତେ ବିଜେଡି ସରକାର କେତେ ଚିନ୍ତାଶୀଳ ଏଥିରୁ ଅନୁମାନ କରାଯାଇପାରେ । ନିର୍ଭୟା ଫଣ୍ଡ କାହିଁକି ଖର୍ଚ୍ଚ କରାଯାଇପାରୁ ନାହିଁ । ଏଥିପାଇଁ ଦାୟୀ କିଏ । ଝିଅ, ମା ଓ ଭଉଣୀଙ୍କ ସୁରକ୍ଷା ଦେବାପାଇଁ ଗୃହ ବିଭାଗ ପକ୍ଷରୁ ଇମରଜେନ୍ସି ରେସପଣ୍ଡ ସପୋର୍ଟ ସିଷ୍ଟମ ରହିବ । କେହି ଅତ୍ୟାଚାରର ଶିକାର ହୁଅନ୍ତି ତାହା ହେଲେ ୧୧୨ ନଂ ଡାଏଲ କରି ସହାୟତା ପାଇପାରିବେ । ନବରଙ୍ଗପୁର ଜିଲାରେ ଇମରଜେନ୍ସି ରେସପଣ୍ଡ ସପୋର୍ଟ ସିଷ୍ଟମ ରହିଥଲେ ଝିଅମାନେ ମୋବାଇଲରେ ୧୧୨ ଡାଏଲ କରି ପୋଲିସର ସହାୟତା ନେଇ ପାରନ୍ତେ । ଇମରଜେନ୍ସି ରେସପଣ୍ଡ ସିଷ୍ଟମର ଠିକ ବ୍ୟବହାର ହୋଇଥାନ୍ତା । ତାହା ହେଲେ କାଳେ ନାବାଳିକାଙ୍କ ଜୀବନ ବଞ୍ଚିଯାଇ ଥାନ୍ତା । ନାବାଳିକାଙ୍କୁ ବର୍ବରତାର ସହିତ ଗଣବଳାତ୍କାର କରି ହତ୍ୟା କରାଯାଇଛି । ୨ଶହ ମିଟର ଘୋଷାରି ନିଆଯାଇଛି । ସାରା ରାତି ନାବାଳିକା ପ୍ରତି ଅତ୍ୟାଚାର କରାଯାଇଛି । ଅବିଭକ୍ତ କୋରାପୁଟ ଜିଲାରେ ଗୋଟିଏ ପରେ ଗୋଟିଏ ଘଟଣା ଘଟି ଚାଲିଛି । ଓଡିଶାର ଜନମାନସର ହୃଦୟକୁ ଦୋହଲାଇ ଦେଇଥିଲା କୁନ୍ଦୁଲି ଘଟଣା। ଆମେ ଆଠମାସର ଲଢେଇ ଲଢିବା ପରେ ଫୋରେନସିକ ଲ୍ୟାବରୁ ଯେଉଁ ରିପୋର୍ଟ ଆସିଥିଲା ସେଥିରେ ଗଣବଳାତ୍କାର ହୋଇଥିବା ଦର୍ଶାଯାଇଥିଲା। ସରକାର ସେହି କଥାକୁ ଚପାଇ ଦେବା ପାଇଁ ରିପୋର୍ଟକୁ ପରିବର୍ତ୍ତନ କରିବାକୁ ପଛେଇ ନଥିଲେ । କୁନ୍ଦୁଲି ଘଟଣାରେ ଆମେ ନ୍ୟାୟ ଦେଇ ପାରିନଥିଲୁ । ଏବେ କଂଗ୍ରେସ ଦଳ ଶପଥ ନେଇଛି ନାବାଳିକା ଗଣବଳାତ୍କାର ଓ ହତ୍ୟା ଘଟଣାରେ ନ୍ୟାୟ ଦେବ । ଆସନ୍ତା ୨୬ ତାରିଖରେ କଂଗ୍ରେସ ଜିଲା ବନ୍ଦ ଡାକରା ଦେବ । ଜିଲା କଂଗ୍ରେସ କମିଟି ସହ ଆଲୋଚନା ପରେ ଆନ୍ଦୋଳନକୁ ଜୋରଦାର କରାଯିବ । କୋଷାଗୁମୁଡାର ଉକ୍ତ ଗ୍ରାମରୁ ଆନ୍ଦୋଳନ ଆରମ୍ଭ ହେବ । ନ୍ୟାୟ ପାଇଁ ରାଜଧାନୀ ଯିବୁ ଆବଶ୍ୟକ ପଡିଲେ ଦିଲ୍ଲୀ ପର୍ଯ୍ୟନ୍ତ ଲଢେଇ ହେବ । ଅଖିଳ ଭାରତୀୟ କଂଗ୍ରେସ କମିଟି ଓ ପ୍ରଦେଶ କଂଗ୍ରେସ କମିଟିକୁ ଆନ୍ଦୋଳନକୁ କିଭଳି ଭାବେ ତ୍ୱରାନିତ୍ୱ କରିବେ ଏଥିପାଇଁ ଜଣାଇ ଦିଆଯାଇଛି ବୋଲି ପୂର୍ବତନ ଏମପି ପ୍ରଦୀପ କହିଛନ୍ତି । ପୂର୍ବତନ ବିଧାୟକ ସଦନ ନାୟକ କହିଥିଲେ ଯେ, ହତ୍ୟା ଓ ବଳାତ୍କାର ଘଟଣାରେ ସମ୍ପୂର୍ଣ୍ଣ ନ୍ୟାୟ ମିଳୁନାହିଁ । ଆଇନ ପ୍ରକ୍ରିୟାରେ ତ୍ୱରାନିତ୍ୱ ହେଉନାହିଁ । ଫାଷ୍ଟଟ୍ରାକ କୋର୍ଟରେ ବିଚାର କରାଯିବାକୁ କହିଛନ୍ତି । କୋଷାଗୁମୁଡା ବ୍ଲକ ଉପସଭାପତି ସଂଜୀବ ବିଷୋୟୀ କହିଥିଲେ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯାଇ ଫାଶୀ କିମ୍ବା ଏନକାଉଣ୍ଟର ଭଳି ଦଣ୍ଡ ବିଧାନ କରାଯାଉ ବୋଲି ଦାବୀ କରିଛନ୍ତି। ଖବରଦାତା ସମ୍ମିଳନୀରେ ଦିଲ୍ଲୀପ ବେହେରା, ଉତମ ତ୍ରିପାଠୀ, କୁନା ପାଢୀ, ପ୍ରଦୀପ ସାହୁ, ଜିଲା ଆଇନ ଜୀବୀ ସଂଘର ସମ୍ପାଦକ ତଥା ଜିଲା କଂଗ୍ରେସ କମିଟିର ଆଇନ ପରାମର୍ଶ ଦାତା ରାମ ପ୍ରସାଦ ପାତ୍ର, ସରୋଜ ପାତ୍ର, ପ୍ରଭାତୀ ତ୍ରିପାଠୀ, ମିନତି ପଟ୍ଟନାୟକ, ଅଖିଳ ଭତରା, ପଦ୍ମନ ବିଷୋୟୀ, ବୃନ୍ଦାବନ ତ୍ରିପାଠୀ, ସଂଜୟ ନାୟକ ପ୍ରମୂଖ ଉପସ୍ଥିତ ଥିଲେ ।

■ ଜିଲା ନୋଡାଲ ଅଧିକାରୀ ବିଭିନ୍ନ ବିଭାଗର କଲେ ସମୀକ୍ଷା

# ଧାର୍ଯ୍ୟ ସମୟରେ ଅଙ୍ଗନୱାଡି ଗୃହ, ଶେଷ ପାଇଁ ନିର୍ଦ୍ଦେଶ

**ନବରଙ୍ଗପୁର,୨୧।୧୨(ବି.ପ୍ର.)**

ଶିଳ୍ପ ବିଭାଗ ସଚିବ ତଥା ନବରଙ୍ଗପୁର ଜିଲା ନୋଡାଲ ଅଧିକାରୀ ହେମନ୍ତ ଶର୍ମା ନବରଙ୍ଗପୁର ଜିଲା ଦୁଇଦିନିଆ ଗସ୍ତରେ ଆସି ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ କକ୍ଷଠାରେ ଶନିବାର ବିଭିନ୍ନ ବିଭାଗର ସମୀକ୍ଷା କରିଛନ୍ତି । ନିରାମୟ ଯୋଜନା ଉପରେ ସମୀକ୍ଷା କରିଥିଲେ । ଡାକ୍ତରମାନେ ନିରାୟମ ଦ୍ୱାରା ଯୋଗାଇ ଦିଆଯାଉଥିବା ଔଷଧ ପ୍ରେସକ୍ରିପସନ କରୁଥିବା ଜଣାଇଥିଲେ । କୃଷି ଓ ଉଦ୍ୟାନ କୃଷି ଦ୍ୱାରା ଚାଷୀଙ୍କ ଆର୍ଥୀକ ଉନ୍ନତି ପାଇଁ ଚାଲିଥିବା କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ । ପିଡିଏସ ସାମଗ୍ରୀ ଯୋଗାଣ ଓ ଧାନ ମଣ୍ଡି ଠିକ ଠାକ ଚାଲିଥିବା ନେଇ ସନ୍ତୋଷ ଜନକ ହୋଇଥିଲେ । ଜିଲା ଶ୍ରମ ନିୟୋଜନ ଓ ଶ୍ରମିକ ମାନଙ୍କ ପଞ୍ଜିକରଣ ଓ ଉପକରଣ ଯୋଗାଣ ଉପରେ ଆଲୋଚନା ହୋଇଥିଲା । ଅଙ୍ଗନୱାଡି ଗୃହ ଗୁଡିକ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଉଠା ଜଳସେଚନ ପାଇଁ ଗଭୀର ନଳକୂପ ଖନନ ଉପରେ ଗୁରୁତ୍ୱାରୋପ କରିଥିଲେ । ଜିଲା ସାମାଜିକ ସୁରକ୍ଷା ବିଭାଗ ଦ୍ୱାରା ଦିବ୍ୟାଙ୍ଗଙ୍କୁ ବିଭିନ୍ନ ଉପକରଣ ଅଭିଯୋଗ ଶୁଣାଣୀ ଦିବସରେ ପ୍ରଦାନ କରାଯାଉଛି ବୋଲି ଜିଲାପାଳ ଅଜିତ କୁମାର ମିଶ୍ର କହିଥିଲେ। ଗ୍ରାମୀଣ ଆବାସ ଯୋଜନାରେ ରହିଥିବା ଟାର୍ଗେଟକୁ ତୁରନ୍ତ ପୂରଣ କରନ୍ତୁ । ହିତାଧିକାରୀ ଯେମିତି ହଇରାଣ ନହୁଅନ୍ତି ସେଥିପ୍ରତି ଗୁରୁତ୍ୱ ଦେବାକୁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ପରାମର୍ଶ ଦେଇଥିଲେ । ଗ୍ରାମ୍ୟ ନିର୍ମାଣ ବିଭାଜନ ବିଭାଗ ଦ୍ୱାରା ରାସ୍ତାଘାଟ ନିର୍ମାଣ କାର୍ଯ୍ୟ ଉପରେ ଗୁରୁତ୍ୱ ଦେଇ ସମୟ ସୀମା ମଧ୍ୟରେ କାର୍ଯ୍ୟସମ୍ପୂର୍ଣ୍ଣ କରିବାକୁ ତାଗିଦ କରିଥିଲେ । ଏହି ସମୀକ୍ଷାରେ ଉପଜିଲାପାଳ ଭାସ୍କର ରଇତୋ, ସିଡିଏମଓ ସନ୍ତୋଷ କୁମାର ସ୍ୱାଇଁ, ଡିଏଫଓ ରଞ୍ଜୀତ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ ।


ବୈଠକରେ ଜିଲା ନୋଡାଲ ଅଧିକାରୀ, ଜିଲାପାଳ ଓ ଅନ୍ୟମାନେ ।

# ରାଷ୍ଟ୍ରପତିଙ୍କୁ ଭେଟିଲେ ପୂର୍ବତନ ଏମପି ବଳଭଦ୍ର

**ନବରଙ୍ଗପୁର,୨୧।୧୨(ବି.ପ୍ର.)–** ନବରଙ୍ଗପୁରର ପୂର୍ବତନ ଏମପି ବଳଭଦ୍ର ମାଝୀଙ୍କ ସମେତ ଦେଶର ୧୦ ଜଣ ପୂର୍ବତନ ଏମପି ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ଭେଟିଛନ୍ତି । ଦେଶର ବିଭିନ୍ନ ସମସ୍ୟା ତଥା କେନ୍ଦ୍ର ସରକାରଙ୍କର ବିକାଶ ମୂଖୀ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ । ରାଷ୍ଟ୍ରପତି କୋବିନ୍ଦ ପୂର୍ବତନ ଏମପି ମାନଙ୍କର ଜ୍ଞାନ ଓ ଅଭିଜ୍ଞତା ଦେଶର ବିକାଶରେ ଉପଯୋଗୀ ହୋଇ ପାରିବ ବୋଲି ଗୁରୁତ୍ୱ ଦେଇଥିଲେ । ପୂର୍ବତନ ଏମପିଙ୍କ ମଧ୍ୟରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ହୁକୁମ ନାରାୟଣ ସିଂ ଯାଦବ, ଛତ୍ରପାଲ ସିଂ, ସମପାଲ ଶାସ୍ତ୍ରୀ, ପ୍ରଦୀପ ଗାନ୍ଧୀ, ହରପାଲ ପାୱାର, କୁଆର ଅଖିଳେଶ ସିଂ, ହରିକେଶ ବାହଦୂର, ସୁନୀଲ ଶାସ୍ତ୍ରୀ, ଯଶବନ୍ତ ସିଂ ପ୍ରମୂଖ ଯୋଗ ଦେଇଥିଲେ ।


ରାଷ୍ଟ୍ରପତିଙ୍କ ସହ ପୂର୍ବତନ ଏମପି ବଳଭଦ୍ର ମାଝି ଓ ଅନ୍ୟମାନେ ।

# ଧାନବସ୍ତା ରଖି ଚାଷୀଙ୍କ ରାସ୍ତାରୋକୋ

**ଚନ୍ଦାହାଣ୍ଡି,୨୧।୧୨(ଡି.ଏନ.ଏ)**


ଚାଷୀମାନେ ଧାନ ବସ୍ତା ରଖି ରାସ୍ତା ଅବରୋଧ କରିଛନ୍ତି ।

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ଧାନମଣ୍ଡିରେ ଚାଷୀ ଧାନ ଆଣି ୩ ଦିନ ହେଲା ଓଜନ କରାଯାଇ ନ ଥିବାରୁ ଏଥିପାଇଁ ବହୁ ଚାଷୀ ଚନ୍ଦାହାଣ୍ଡି-ଉମରକୋଟ ରାସ୍ତା ଉପରେ ଧାନ ବସ୍ତା ରଖି ଅବରୋଧ କରିଥିଲେ । କିଛି ଚାଷୀ ସେମାନଙ୍କ ଧାନ ଠିକ ସମୟରେ ଓଜନ ହୋଇ ନ ପାରିବାରୁ କିଛି ଧାନବସ୍ତା ଚୋରି ହୋଇଯାଇଥିବାରୁ ଅଭିଯୋଗ କରିଥିଲେ। ମୁଖ୍ୟ ରାସ୍ତା ଅବରୋଧ ପରେ କିଛି ଘଣ୍ଟା ରାସ୍ତାର ଉଭୟ ପାର୍ଶ୍ୱରେ ଗାଡି ଚଳାଚଳ ହୋଇ ନ ପାରି ଅଟକି ରହିଥିବା ବେଳେ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଖବର ପାଇ ସାମାଜିକ କର୍ମୀ ପ୍ରମୋଦ କୁମାର ପାଢୀ, ବ୍ଲକ ଯୋଗାଣ ନିରୀକ୍ଷକ ଦେବେନ୍ଦ୍ର ସେଠିଆ, ଲ୍ୟାମ୍ପସ ଏମଡି ଉମେଶ ଚନ୍ଦ୍ର ତ୍ରିପାଠୀ ଚାଷୀଙ୍କୁ ବୁଝାସୁଝା କରିଥିଲେ। ଆଣିଥିବା ଧାନ ଶୀଘ୍ର ଓଜନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଚାଷୀଙ୍କ ଅବରୋଧ ହଟିଥିଲେ। ଏଥିରେ ଚାଷୀ ମନଧର ଧୁରୁଆ, କୋରୁଷ ମାଝି, ମୋତିଲାଲ ହଂସ, ରାଇତନ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

### ବଡଓଲମା ଉଚ୍ଚ ବିଦ୍ୟାଳୟ ପୁରସ୍କୃତ

**ଡାବୁଗାଁ, ୨୧।୧୨(ଡି.ଏନ.ଏ.)**

ଡାବୁଗାଁ ବ୍ଲକ ଅଧୀନ ବଡଓଲମା ଉଚ୍ଚ ବିଦ୍ୟାଳୟ ଶ୍ରେଷ୍ଠ ବିଦ୍ୟାଳୟ ଭାବେ ଶନିବାର ପୁରସ୍କୃତ ହୋଇଛି । ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ଭୁବନେଶ୍ୱର ସ୍ଥିତ ଆଦିବାସୀ ପଡିଆରେ ଚାଲିଥିବା ରାଜ୍ୟ ସ୍ତରୀୟ ସର୍ଗିଫୁଲ କାର୍ଯ୍ୟକ୍ରମରେ ବଡଓଲମା ଉଚ୍ଚ ବିଦ୍ୟାଳୟ ଶ୍ରେଷ୍ଠ ବିଦ୍ୟାଳୟ ଭାବେ ପୁରସ୍କୃତ ହୋଇଛି । ବିଦ୍ୟାଳୟ ପ୍ରଧାନଶିକ୍ଷକ ଗୋପାଳ ଚନ୍ଦ୍ର ମିଶ୍ରଙ୍କ ତରଫରୁ ଶିକ୍ଷୟତ୍ରୀ ରଶ୍ମିରେଖା ସ୍ୱାଇଁ ଉକ୍ତ ପୁରସ୍କାର ଗ୍ରହଣ କରିଛନ୍ତି ।

# ମହିଳାଙ୍କ ପ୍ରତି ହିଂସା ବନ୍ଦ ପାଇଁ ଜିଲାସ୍ତରୀୟ ସମ୍ମିଳନୀ

**ରାୟଗଡ଼(ଗଜପତି), ୨୧।୧୨(ଡି.ଏନ୍.ଏ.)**

ଗଜପତି ଜିଲା ରାୟଗଡ଼ ବ୍ଲକ ଅଧୀନ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ମହିଳା ବିକାଶ ପ୍ରତିଷ୍ଠାନ ଓ ଅଲିଭା ମହାସଂଘର ଆୟୋଜନରେ ମହିଳାଙ୍କ ପାଇଁ ସମସ୍ତ ପ୍ରକାର ହିଂସା ବନ୍ଦ ଲାଗି ଜିଲାସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ମୋହନା ବିଧାୟକ ଦାଶରଥି ଗମାଙ୍ଗ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଏବିଡିଓ ପିତାମ୍ବର ବେହେରା, ଏସ୍.ଆଇ. ସ୍ମୃତି ବଡ଼ଜେନା, ପ୍ରଧାନଶିକ୍ଷୟିତ୍ରୀ ଏସ୍. ମଣିମାଳା, ସମିତି ସଭ୍ୟ ମାଫିଏଲ୍ ସ୍ୱାଲସିଂ, ଏମ୍. କଡାସିଂ, ସରପଞ୍ଚ ଦମୟନ୍ତୀ ଶବର, ପୂର୍ବତନ ସରପଞ୍ଚ ପ୍ରେମାନନ୍ଦ ସ୍ୱାଲସିଂ, ୱାର୍ଡ ସଭ୍ୟା ନିରଞ୍ଜନୀ ମାଳୀ ପ୍ରମୁଖ ମଞ୍ଚାସୀନ ଥିଲେ । ଆମଦେଶରେ ମହିଳାଙ୍କ ପ୍ରତି ହିଂସା ବଢ଼ିବାରେ ଲାଗିଛି । ରାସ୍ତାଘାଟଠାରୁ ଆରମ୍ଭ କରି ନିଜ ଘର ମଧ୍ୟରେ ବି ମହିଳାମାନେ ସୁରକ୍ଷିତ ନୁହଁନ୍ତି । ହିଂସାରେ ପିଡିତା ହୋଇ ପ୍ରତିଦିନ ବହୁ ମହିଳାଙ୍କ ଜୀବନ ହାନି ଘଟୁଛି । ମହିଳାଙ୍କ ପ୍ରତି ଏହି ହିଂସା ଏକ ସାମାଜିକ ସମସ୍ୟା । ଏହା ବନ୍ଦ ପାଇଁ ବ୍ୟାପକ ଜନ ସଚେତନ ଓ ଜାଗରଣ ଦରକାର ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏଥିରେ ଶତାଧିକ ମହିଳାଙ୍କ ସହ ପଞ୍ଚାୟତ ପ୍ରତିନିଧିମାନେ ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ମହିଳା ବିକାଶ ପ୍ରତିଷ୍ଠାନର ଜିଲା ସମ୍ପାଦିକା ମିନତୀ ପାଢ଼ୀ ପରିଚାଳନା କରିଥିବା ବେଳେ ଜିଲା ସଂଯୋଜକ ନଟବର ପାଢ଼ୀ ଧନ୍ୟବାଦ ଦେଇଥିଲେ ।



ସମ୍ମିଳନୀରେ ଉପସ୍ଥିତ ଅତିଥିମାନେ।

# ସେଞ୍ଚୁରିଆନ ବିଶ୍ୱ ବିଦ୍ୟାଳୟରେ ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଯାପିତ

**ପାରଳାଖେମୁଣ୍ଡି,୨୧।୧୨ (ସ୍ୱ.ପ୍ର.) –** ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ଉପକଣ୍ଠସ୍ଥ ଆଲ୍ଲୁରିନଗରସ୍ଥିତ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ପରିସରରେ ଚାଲିଥିବା ତିନିଦିନିଆ ଚତୁର୍ଥ ଅନ୍ତର୍ଜାତୀୟ ଆଇସିଏମ୍‌ଏସିଏ ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି । ଏଥିରେ ପ୍ରଫେସର ଲିଓମାର୍.ଏସ୍. ଗାଲିସିଆ ଫିଲିପାଇନ୍ସ ଶିଳ୍ପ ଏବଂ ବୈଷୟିକ ସୁବିଧା ସୁଯୋଗ ଉପରେ ଆଲୋକପାତ କରିଥିଲେ । ଫିଲିପ୍ ପ୍ରିକୋନସଲୋ ମୁଖ୍ୟଅତିଥି, ସେଞ୍ଚୁରିୟାନ ବିଶ୍ୱ ବିଦ୍ୟାଳୟର ଉପସଭାପତି ପ୍ରଫେସର ଡିଏନ୍ ରାଓ, ପ୍ରଫେସର ଅନୀତା ପାତ୍ର, ପ୍ରଫେସର ଆର୍‌ସି ମହାନ୍ତି, ପ୍ରଫେସର ଅଶୋକ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ବର୍ତ୍ତମାନର ଯୁବପିଢୀଙ୍କୁ ସୂଚନା ଏବଂ ପ୍ରଯୁକ୍ତି ବିଦ୍ୟାରେ ଆଧୁନିକ ଜ୍ଞାନକୌଶଳ ବ୍ୟବହାର ପାଇଁ ମୁଖ୍ୟ ଅତିଥି ପରାମର୍ଶ ଦେଇଥିଲେ। ଏହି ଅବସରରେ କେତେକ ଅଧ୍ୟାପକ, ପ୍ରଧ୍ୟାପକଙ୍କୁ ସମ୍ମାନିତ କରାଯାଇଥିଲା ।


ଅତିଥିଙ୍କ ଗହଣରେ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ଅଧ୍ୟାପକ, ଛାତ୍ରୀଛାତ୍ରମାନେ ।

# ଜିଲା ଯୋଜନା କମିଟି ବୈଠକ ବର୍ଜନ କଲେ ବିଧାୟକ

**ପାରଳାଖେମୁଣ୍ଡି,୨୧।୧୨ (ସ୍ୱ.ପ୍ର.)**

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଆନ୍ଧ୍ରବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନ ସମ୍ମିଳନୀ ଗୃହରେ ଗଜପତି ଜିଲା ଯୋଜନା ବୋର୍ଡ ବୈଠକ ଶନିବାର ଅନୁଷ୍ଠିତ ହୋଇଥିଲା । ବୈଠକ ଆରମ୍ଭରେ ଭାଜପା ଏବଂ କଂଗ୍ରେସର ଜିଲା ପରିଷଦ ସଭ୍ୟମାନେ ପ୍ରଥମେ ତାଙ୍କୁ ଅଣଦେଖା କରାଯାଇ ସାଶକ ଦଳ ଇଙ୍ଗିତରେ ସମସ୍ତ ଉନ୍ନୟନ କାର୍ଯ୍ୟ କରାଯାଉଛି ବୋଲି ଅଭିଯୋଗ କରି ସେମାନେ ବୈଠକ ତ୍ୟାଗ କରିଥିଲେ । ପରେ ଏହି ସଭ୍ୟମାନଙ୍କୁ ସମର୍ଥନ ଜଣାଇ ଜିଲା ପରିଷଦ ଆଧ୍ୟକ୍ଷା ଅନିତାରାଣୀ ବେହେରା, ପାରଳାଖେମୁଣ୍ଡି ବିଧାୟକ କେ. ନାରାୟଣ ରାଓ, ମୋହନା ବିଧାୟକ ଦାସରଥି ଗମାଙ୍ଗ ମଧ୍ୟ ବୈଠକ ବର୍ଜନ କରିଥିଲେ । ଏସମ୍ପର୍କରେ ସେମାନଙ୍କୁ ପଚରାଯିବାରୁ ବିଧାୟକ କହିଥିଲେଯେ, ଜିଲାର ସମସ୍ତ ଉନ୍ନୟନମୂଳକ କାର୍ଯ୍ୟରେ ଶାସକ ଦଳ ହସ୍ତକ୍ଷେପ କରୁଛି । ବିରୋଧୀ ଦଳର ବିଧାୟକ ଏବଂ ଜିଲା ପରିଷଦ ସଭ୍ୟ ମାନଙ୍କୁ ଅଣଦେଖା କରାଯିବା ସହ ସେମାନଙ୍କୁ କୌଣସି ପ୍ରକଳ୍ପ ବିଷୟରେ କୁହାଯାଉ ନାହିଁ। ଜିଲା ପ୍ରସାଶନ ଶାସକ ଦଳର ଇଙ୍ଗିତରେ କାର୍ଯ୍ୟ କରୁଛି। ଭାଜପା ଓ କଂଗ୍ରେସର ନିର୍ବାଚିତ ପ୍ରତିନିଧିଙ୍କୁ କୌଣସି ଉନ୍ନୟନ କାର୍ଯ୍ୟ କରିବା ପାଇଁ ସୁଯୋଗ ମିଳୁନାହିଁ ବୋଲି ସେ ଅଭିଯୋଗ କରିଥିଲେ । ପ୍ରତିନିଧିମାନେ କକ୍ଷ ତ୍ୟାଗ କରିବା ପରେ ଯୋଜନା କମିଟି ବୈଠକ ଚାଲିଥିଲା । ଗଜପତି ଜିଲା ଯୋଜନା ବୋର୍ଡ ଅଧକ୍ଷ ତଥା ଜନଜାତି ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କ ଉପସ୍ଥିତିରେ ଏହି ବୈଠକ ହୋଇଥିଲା । ଏଥିରେ ଜିଲାର ୨୦୧୯-୨୦ ପାଇଁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ତାଲିକା ଏବଂ ବ୍ୟୟ ଅଟକଳ ଉପରେ ଆଲୋଚନା ହୋଇଥିଲା । ମୁଖ୍ୟତଃ ବିଭିନ୍ନ ବ୍ଲକରେ ଶିକ୍ଷା, ସ୍ୱାସ୍ଥ୍ୟ, ଜଳସେଚନ, ବିଦ୍ୟୁତ, ଗମନାଗମନ, ଆବାସିକ ଯୋଜନା କିପରି ତ୍ୱରାନ୍ୱିତ ହେବ ବୈଠକରେ ଆଲୋଚନା ହୋଇଥିଲା । ଏହିସବୁ କ୍ଷେତ୍ରରେ ଉନ୍ନୟନ କାର୍ଯ୍ୟପାଇଁ ବ୍ୟୟ ଅଟକଳ ଧାର୍ଯ୍ୟ କରାଯାଇଥିଲା । ବିଭିନ୍ନ ବିଭାଗୀୟ ଅଧିକାରୀମାନେ ସେମାନଙ୍କ ବିଭାଗର ବିଭିନ୍ନ କାର୍ଯ୍ୟ ଏବଂ କି କାର୍ଯ୍ୟପନ୍ଥା ସ୍ଥିର ହୋଇଛି ସେସମ୍ପର୍କରେ ମତ ଉପସ୍ଥାପନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ଏମପି ଚନ୍ଦ୍ରଶେଖର ସାହୁ, ଜିଲାପାଳ ଅନୁପମ ଶାହା, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସରୋଜ ବେହେରା ପ୍ରମୁଖଙ୍କ ସମେତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ । କକ୍ଷତ୍ୟାଗ କରିଥିବା ନିର୍ବାଚିତ ପ୍ରତିନିଧି ମାନଙ୍କ ସହ ଜିଲାପାଳ ପରେ ଆଲୋଚନା କରିବେ ବୋଲି ଜଣାପଡିଛି ।


ବୈଠକ ବର୍ଜନ କରି ବାହାରକୁ ଚାଲିଥିବା ବିଧାୟକ ଓ ଅନ୍ୟମାନେ ।